## ୬ଲୁଟେରା ଗିରଫ: ବାଇକ୍ ଟଙ୍କା ଜବତ

ସୁନ୍ଦରଗଡ଼, (ଡି.ଏନ୍.ଏ.): ଲେଫ୍ରିପଡ଼ା ଥାନା ସର୍ଗିପାଲି ଫାଣ୍ଡି ଅଁଳାବାହାଲ ନିକଟରେ ଗତ ୨୧ ତାରିଖରେ ଘଟିଥିବା ଏକ ଲୁଟ ଘଟଣାରେ ପୋଲିସ ଶୁକ୍ରବାର ୬ଜଣ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ସଦର ଥାନା ଟାଙ୍ଗରପାଲିର ସୌଭାଗ୍ୟ ସେଠ, ସାହିଲ୍ ତନ୍ତୀ, ସଚିନ୍ ଭୋଇ, ହେମଗିର ଥାନା ବାଲିଟୁଆଁ ଗ୍ରାମର ଉମେଶ କଲେଜ, ଅନୀଲ ପ୍ରଧାନ ଓ ଲେଫ୍ରିପଡା ଥାନା ବଡଖଲିଆ ଗ୍ରାମର ରୋଶନ ନାଏକ। ଅଭିଯୁକ୍ତମାନେ ଘଟଣାଦିନ ୨ଟି ବାଇକ୍‌ରେ ଆସି ସେହି ରାସ୍ତାରେ ଯାଉଥିବା ଝୁରୀମାଲର ବିଜୟ ଗରୁଡ ଓ ଲକ୍ଷ୍ମଣ ଖର୍ସେଲଙ୍କୁ ଭୟଭୀତ କରି ୨୨ଶହ ଟଙ୍କା ଲୁଟି ନେଇଥିଲେ। ଏ ସମ୍ପର୍କରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ୨ବାଇକ୍ ,ଗୋଟିଏ ସ୍କୁଟି ,୬ ମୋବାଇଲ ଫୋନ୍ ଓ ୨୨ ଶହ ଟଙ୍କା ଜବତ କରିଛି।

**ସଂକ୍ଷେପରେ**

## ଦୁଇ ବାଇକ୍ ମଧ୍ୟରେ ଧକ୍କା: ଜଣେ ମୃତ



**ସୁନ୍ଦରଗଡ଼,୨୩।୭ (ଡି.ଏନ୍.ଏ.):** ସୁନ୍ଦରଗଡ଼ -ବସୁନ୍ଧରା ରାସ୍ତାର ଛଟେନପାଲି ଇଚ୍ଛାନଦୀ ପୋଲ ନିକଟରେ ଶୁକ୍ରବାର ସକାଳେ ୨ଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ବାଇକ୍‌ରେ ଥିବା ୨ଜଣ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତ ବ୍ୟକ୍ତିଙ୍କ ନାମ ଝସକେତନ ପଛା (୪୫)। ତାଙ୍କ ସହ ବାଇକ୍‌ରେ ବସିଥିବା ରୀନା ହୋତା ନାମକ ଜଣେ ମହିଳା ଆହତ ହୋଇଛନ୍ତି। ଅନ୍ୟ ଜଣେ ବାଇକ୍ ଆରୋହୀ ସୁଶାନ୍ତ କୁଟୁଆଁ (୩୭) ମଧ୍ୟ ଆହତ ହୋଇଛନ୍ତି। ମୃତାହତ ବ୍ୟକ୍ତିମାନେ ଲେଫ୍ରିପଡା ଅଞ୍ଚଳର। ଦୁର୍ଘଟଣା ଘଟିବା ବେଳେ ସେଠାରେ ଉପସ୍ଥିତ ଭାଜପା ଯୁବ ନେତା ସୁଶାନ୍ତ ସେଠ ଆହତମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ସୁନ୍ଦରଗଡ ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ଏ ନେଇ ଲେଫ୍ରିପଡା ପୋଲିସ ଏକ ମାମଲା ରୁଜୁ କରିଛି।

## ଶୋଇଥିବାବେଳେ ଟାଙ୍ଗିଆରେ ହାଣି ହତ୍ୟା

**କୁତ୍ରା,୨୩।୭(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ପଞ୍ଚରା ଗ୍ରାମରେ ଶୁକ୍ରୁ ସୋରେନ (୫୦) ନାମକ ଜଣେ ବ୍ୟକ୍ତିଙ୍କୁ ଶୋଇଥିବାବେଳେ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ସେ ଗୁରୁବାର ରାତ୍ରିରେ ଖାଇ ସାରି ଘର ବାରଣ୍ଡାରେ ଏକୁଟିଆ ଶୋଇଥିଲେ। ତେବେ ବିଳମ୍ବିତ ରାତିରେ ଜୋରରେ ବର୍ଷା ହେଉଥିବା ସମୟରେ କେହି ଦୁର୍ବୃତ୍ତ ଆସି ତାଙ୍କୁ ଟାଙ୍ଗିଆରେ ଦେହର ବିଭିନ୍ନ ସ୍ଥାନରେ ହାଣି ହତ୍ୟା କରିଛନ୍ତି। ଅନ୍ୟ ପକ୍ଷରେ ଘର ଭିତରେ ତାଙ୍କ ସାନ ପୁଅ, ବୋହୂ ଓ ତାଙ୍କ ଝିଅ ଶୋଇଥିଲେ। ତଥାପି ସେମାନେ କେମିତି ଜାଣିପାରିଲେନି ବୋଲି ଗ୍ରାମବାସୀଙ୍କ ମନରେ ପ୍ରଶ୍ନ ଉଠୁଛି। ଏହା ଯୋଜନାବଦ୍ଧ ଭାବରେ ହତ୍ୟା କରାଯାଇଛି ବୋଲି ଗ୍ରାମବାସୀ କହୁଛନ୍ତି। ଘଟଣାସ୍ଥଳରେ କୁତ୍ରା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୋଲିସ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଚଳାଇଛି। ପାରିବାରିକ କଳହରୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିବାବେଳେ ଘଟଣାର ତଦନ୍ତ ପରେ ପ୍ରକୃତ ରହସ୍ୟ ଉନ୍ମୋଚନ ହେବ।

# ଘରେ ପଶିଲା ବର୍ଷାଜଳ

**ଦେବଗଡ,୨୩।୭(ଡି.ଏନ.ଏ)**

ଦେବଗଡ ପୌର ପରିଷଦ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଏବଂ ଅଦୂରଦର୍ଶୀତା ଯୋଗୁ ଶୁକ୍ରବାର ସହରର ତଳମୁଣ୍ଡରେ ଥିବା ନିଳବେର୍ଣ୍ଣୀ ସାହି (୯ ନମ୍ବର ୱାର୍ଡ)ରେ ଘରମାନଙ୍କରେ ବର୍ଷାଜଳ ପଶି ବ୍ୟାପକ କ୍ଷୟକ୍ଷତି ଘଟିଥିବା ଜଣାପଡିଛି । ଖବର ମୁତାବକ ଜିଲାର ଅନ୍ୟାନ୍ୟ ଅଞ୍ଚଳ ସମେତ ଦେବଗଡ ପୌରାଞ୍ଚଳରେ ଶୁକ୍ରବାର ସକାଳୁ ଦିନ ତମାମ ଝଡିବର୍ଷା ଲାଗିରହିଥିଲା। ମାତ୍ର ସହର ତଳମୁଣ୍ଡରେ ଥିବା ନିଳବେର୍ଣ୍ଣୀ ସାହି ଓ ଅନ୍ୟାନ୍ୟ ଅଞ୍ଚଳକୁ ସଂଯୋଗ କରୁଥିବା ମୁଖ୍ୟଡ୍ରେନକୁ ଠିକ ସମୟରେ ଏବଂ ଠିକ ଭାବେ ସଫା କରାଯାଇ ନ ଥିବାରୁ ଏଥିରେ କାଠିକୁଟା ଆଦି ଭର୍ତ୍ତିହୋଇ ଡ୍ରେନ ଜାମ ହୋଇଯାଇଥିବାରୁ ଉକ୍ତ ଡ୍ରେନରେ ବର୍ଷାପାଣି ପ୍ରବାହିତ ହୋଇ ନ ପାରି ସମ୍ପୃକ୍ତ ଅଞ୍ଚଳର ଘରମାନଙ୍କରେ ପଶି ଯାଇଥିଲା। ଫଳରେ ସାହିବାସିନ୍ଦା ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେବାସହ ସେମାନେ ଏକ ପ୍ରକାର ଜଳବନ୍ଦୀ ହୋଇପଡିଥିଲେ । ଏନେଇ ସେମାନେ ଦେବଗଡ ପୌର ପରିଷଦ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ବର୍ଷାପାଣି ନିଷ୍କାସନ ପାଇଁ ଅନୁରୋଧ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା । ଫଳରେ ସାହିବାସିନ୍ଦା ସନ୍ଧ୍ୟାରେ ଉତ୍ତ୍ୟକ୍ତ ହୋଇ ଘରମାନଙ୍କରୁ ଜଳ ନିଷ୍କାସନ ନିମନ୍ତେ ଦେବଗଡ ସହରରୁ ରାଞ୍ଚି-ବିଜୟୱାଡା ରାଜପଥ, ୪୯ ନମ୍ବର ଜାତୀୟ ରାଜପଥ ଏବଂ ୫୩ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାକୁ କାଟି ପକାଇଥିଲେ। ସୂଚନା ପାଇ ଦେବଗଡ ପୌର ପରିଷଦ ନିର୍ବାହୀ ଅଧିକାରୀ ଅତସୀ ପରିଡା ବିଭାଗୀୟ କର୍ମଚାରୀଙ୍କ ସହ ସେଠାରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରୁଥିବା ଜଣାପଡିଛି। ଫଳରେ ଉକ୍ତ ରାସ୍ତାଦେଇ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ଜଣାପଡିଛି। ସାହି ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ ବର୍ଷା ଦିନେ ଉପରମୁଣ୍ଡର ବର୍ଷା ଜଳ ଉକ୍ତ ଡ୍ରେନ ଦେଇ ଯାଇଥାଏ। ତେବେ ପୌର ପରିଷଦ ପକ୍ଷରୁ ଉକ୍ତ ଡେନ୍‌ଟିକୁ ଠିକ ବ୍ୟବଧାନରେ ସଫା କରାଯାଉ ନ ଥିବାରୁ ସେଥିରେ କାଠିକୁଟା ଜମି ରହିବା ସହ ଡ୍ରେନ ଜାମ ହୋଇଯାଇଥିଲା । ଫଳରେ ସାହି ବାସିନ୍ଦା ପ୍ରାୟ ୨୦/୨୫ ଦିନ ପୂର୍ବେ ଏହାର ପ୍ରତିକାର ନିମନ୍ତେ ଉକ୍ତ ଡ୍ରେନକୁ ସଫା କରିବା ପାଇଁ ପୌର ପରିଷଦ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଗୁହାରୀ କରିଥିଲେ। ମାତ୍ର କୌଣସି ସୁଫଳ ମିଳି ନ ଥିଲା। ଫଳରେ ଶୁକ୍ରବାର ସେମାନଙ୍କୁ ଏଭଳି ଦଶା ଭୋଗିବାକୁ ପଡିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ ପରିଡାଙ୍କ ମତାମତ ଲୋଡିବାରୁ ତାଙ୍କ ନିକଟରେ ପୂର୍ବରୁ ଏଭଳି କୌଣସି ଅଭିଯୋଗ ହୋଇ ନ ଥିବା ପ୍ରକାଶ କରିବା ସହ କିଛି ଦିନ ପୂର୍ବରୁ ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଇଥିବା ଡ୍ରେନ ନିର୍ମାଣରେ ବୈଷୟିକ ତ୍ରୁଟି ରହିଥିବାରୁ ଡ୍ରେନରେ ବର୍ଷା ଜଳ ନିଷ୍କାସନ ହୋଇପାରି ନ ଥିବା ଉତ୍ତର ଦେଇଛନ୍ତି।



ଦେବଗଡ଼ରେ ଲୋକଙ୍କ ଘରେ ପାଣି ପଶିଯାଇଛି।

- ପୌର ପରିଷଦ କର୍ତ୍ତୃପକ୍ଷଙ୍କ ଅବହେଳା ଏବଂ ଅଦୂରଦର୍ଶୀତାର ପରିଣାମ
- ରାସ୍ତା କାଟିଦେଲେ ସାହିବାସିନ୍ଦା

## ଜୁଆଆଡ୍ଡା ଉପରେ ଚଢ଼ାଉ: ୪ ଗିରଫ

**ଦେବଗଡ଼,୨୩।୭(ଡି.ଏନ୍.ଏ.)**

**ନଗଦ ଟଙ୍କା ସହ ୪ ବାଇକ୍, ୪ ମୋବାଇଲ ଫୋନ୍ ଜବତ**

ଜଙ୍ଗଲ ମଧ୍ୟରେ ବେଆଇନ ଜୁଆଆଡ୍ଡା ଚାଲିଥିବାବେଳେ ଦେବଗଡ ଥାନା ପୋଲିସ ପକ୍ଷରୁ ଚଢାଉ କରାଯାଇ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ନଗଦ ୨୩ ହଜାର ଟଙ୍କା, ୪ଟି ବାଇକ୍ ଓ ୪ଟି ମୋବାଇଲ ଫୋନ ଜବତ କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ସନ୍ଧ୍ୟାରେ ଦେବଗଡ଼ ଥାନା ହଦମୁଣ୍ଡା-ରତନପୁର ଗ୍ରାମ ମଝିରେ ଥିବା ଝାଡିଜଙ୍ଗଲରେ ବେଆଇନ ଜୁଆ ଆଡ୍ଡା ଚାଲିଥିବା କୌଣସି ସୂତ୍ରରୁ ସୂଚନା ପାଇ ଦେବଗଡ଼ ଏସ୍.ପି. ରାଜକିଶୋର ପାଇକରାୟ ସେଠାରେ ଚଢାଉ ପାଇଁ ଦେବଗଡ ଥାନା ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ଦେବଗଡ଼ ଥାନା ମହିଳା ସବ୍‌ଇନ୍‌ସପେକ୍ଟର ଅରୁନୀ ଶାସନୀ ସଦଳବଳେ ସେଠାରେ ଚଢାଉ କରିଥିଲେ। ଚଢାଉ ସମୟରେ ପୋଲିସକୁ ଦେଖି ସେଠାରୁ ଖସିଯିବାକୁ ଉଦ୍ୟମ କରୁଥିବା ଦେବଗଡ ପୌର ପରିଷଦର ପୂର୍ବତନ କାଉନସିଲର, ଦେବଗଡ଼ ଥାନା ସାମନ୍ତାପାଲି ଗ୍ରାମର ଜଣେ ବ୍ୟକ୍ତି, ଦେବଗଡ ପୌରାଞ୍ଚଳ ପୁରୁଣାଗଡ଼ (ପେଟ୍ରୋଲ ପମ୍ପ ନିକଟ)ର ଜଣେ ବ୍ୟକ୍ତି ଓ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅନ୍ତର୍ଗତ ଖମାର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏଥିସହ ସେମାନଙ୍କ ନିକଟରୁ ବ୍ୟବହୃତ ତାସପତି ସହ ନଗଦ ୨୩ ହଜାର ୧ଶହ ଟଙ୍କା, ୪ଟି ବାଇକ୍ ଓ ୪ଟି ମୋବାଇଲ ଫୋନ ପୋଲିସ ଜବତ କରିଥିଲା। ଗିରଫ ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

## ୧୪ କିଲୋ ଗଞ୍ଜେଇ ଜବତ: ୨ ଗିରଫ



ଜବତ ଗଞ୍ଜେଇ ଓଜନ କରାଯାଉଛି।

**ରିଆମାଳ,୨୩।୭(ଡି.ଏନ.ଏ)**

ଦେବଗଡ଼ ଜିଲା ରିଆମାଳ ଥାନା ପୋଲିସ ଶୁକ୍ରବାର ଉକ୍ତ ଥାନା ଅଞ୍ଚଳର ଗୁଣ୍ଡିଆପାଲି ତଳସାହିରେ ଚଢାଉ କରି ୧୪ କିଲୋ ଗଞ୍ଜେଇ ଜବତ କରିଛି। ଏଥିସହ ବେଆଇନ ଗଞ୍ଜେଇ କାରବାର ଅଭିଯୋଗରେ ପୋଲିସ ଉକ୍ତ ଗ୍ରାମର ଜଗବନ୍ଧୁ ବଣିଚୂଳ ଓ ପ୍ରଫୁଲ୍ଲ ଭୋଇଙ୍କୁ ଗିରଫ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୁଣ୍ଡିଆପାଲି ଗ୍ରାମର ଜଣେ ବ୍ୟକ୍ତି ବେଆଇନ ଗଞ୍ଜେଇ ଚୋରାଚାଲାଣ ପାଇଁ ପ୍ରସ୍ତୁତି ଚଳାଇଥିବା କୌଣସି ସୂତ୍ରରୁ ସୂଚନା ପାଇ ଦେବଗଡ ଏସ୍.ପି. ରାଜକିଶୋର ପାଇକରାୟ ଏକ ସ୍ୱତନ୍ତ୍ର ସ୍କାଡ୍ ଗଠନ କରିବା ସହ ସେଠାରେ ଚଢାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ଏହି ସ୍କାଡ୍ ସଦଳବଳେ ଉକ୍ତ ଗ୍ରାମର ତଳସାହିରେ ଚଢାଉ କରିଥିଲେ। ଚଢାଉ ସମୟରେ ପ୍ରଫୁଲ୍ଲ ଭୋଇଙ୍କ ଘର ସମ୍ମୁଖରେ ବସ୍ତାରେ ଭର୍ତ୍ତି ହୋଇ ରହିଥିବା ୧୪ କିଲୋ ଓଜନର ବେଆଇନ ଗଞ୍ଜେଇ ଦେଖିଥିଲେ। ପ୍ରଫୁଲ୍ଲ ଓ ଉକ୍ତ ଗ୍ରାମର ଜଗବନ୍ଧୁ ବଣିଚୂଳ ଚୋରାଚାଲାଣ ଉଦ୍ଦେଶ୍ୟରେ ଉକ୍ତ ଗଞ୍ଜେଇ ବସ୍ତାକୁ ଉଠାଉ ଥିବାବେଳେ ପୋଲିସ ସେମାନଙ୍କୁ ଉକ୍ତ ଗଞ୍ଜେଇ ବସ୍ତା ସହ କାବୁ କରିଥିଲେ। ଜବତ ଗଞ୍ଜେଇ ଓଜନ କରାଯିବାରୁ ଏହାର ପରିମାଣ ୧୪ କିଲୋ ୧୫ ଗ୍ରାମ ରହିଥିବା ଜଣାପଡିଥିଲା।

# ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶକଙ୍କ ବିଦ୍ୟାଳୟ ପରିଦର୍ଶନ



ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶକ ଚନ୍ଦ୍ରମଣି ନାଏକ କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

**କୁତ୍ରା, ୨୩।୭(ଡି.ଏନ.ଏ)**

କରୋନା ସଂକ୍ରମଣ ଯୋଗୁ ବିଦ୍ୟାଳୟଗୁଡିକ ବନ୍ଦ ରହିଥିଲା। ବର୍ତ୍ତମାନ କରୋନା ପ୍ରକୋପ କମିଥିବାରୁ ଆଗାମୀ ୨୬ ତାରିଖଠାରୁ ଦଶମ ଶ୍ରେଣୀ ଖୋଲିବାକୁ ଯାଉଥିବାବେଳେ ବିଦ୍ୟାଳୟଗୁଡିକର ଭିତ୍ତିଭୂମି ପରିଷ୍କାର ପରିଚ୍ଛନ୍ନତା, ୟୁଟ୍ୟୁବରେ ପାଠପଢା ତଥା ଅନୁଷ୍ଠାନର ଯାବତୀୟ କାର୍ଯ୍ୟକ୍ରମ ତଦାରଖ ପାଇଁ ଗଣଶିକ୍ଷା ବିଭାଗ ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶକ ଚନ୍ଦ୍ରମଣି ନାଏକ କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟର ସୁନ୍ଦର ପରିବେଶ ସାଙ୍ଗକୁ ସୌନ୍ଦର୍ଯ୍ୟକରଣରେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଥିଲେ। ଏହା ଏକ ଓଡ଼ିଶାର ଆଦର୍ଶ ବିଦ୍ୟାଳୟ ବୋଲି କହିଥିଲେ। ଏହି ଗସ୍ତ କାଳରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ବିଦ୍ୟାଳୟର ୟୁଟ୍ୟୁବ ପାଠପଢା ବାବଦରେ ତର୍ଜମା କରି ସନ୍ତୋଷ ବ୍ୟକ୍ତ କରିବା ସହ ତାକୁ ସମସ୍ତ ବିଦ୍ୟାଳୟ ଅନୁସରଣ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ । ଗସ୍ତ କାଳରେ କୁତ୍ରା ବିଇଓ ଗୁରୁଚରଣ ସାହୁ, ଅତିରିକ୍ତ ବିଇଓ ପ୍ରକାଶ ରୟ, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଉପସ୍ଥିତ ଥିଲେ। ପରିଦର୍ଶନ କାଳରେ ବିଜ୍ଞାନଗାର, ପାଠପଢା ଶ୍ରେଣୀ, ବଗିଚା, ସଭାଗୃହ, ପୁଷ୍ପ ବାଟିକା, ପାନୀୟଜଳ ବ୍ୟବସ୍ଥା ସମେତ ସମସ୍ତ ଭିତ୍ତିଭୂମିର ଅବଲୋକନ କରିଥିଲେ ।

## ଅନଲାଇନ୍ ଶିକ୍ଷାରୁ ବଞ୍ଚିତ ବିଦ୍ୟାର୍ଥୀଙ୍କ ସକାଶେ ବିକଳ୍ପ ଶିକ୍ଷାଦାନ

**ସୁନ୍ଦରଗଡ଼,୨୩।୭ (ଡି.ଏନ୍.ଏ.)**

ରାଜ୍ୟ ଶିକ୍ଷକ ଶିକ୍ଷା, ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଭୁବନେଶ୍ୱର ଏବଂ ୟୁନିସେଫ୍‌ର ମିଳିତ ଉଦ୍ୟମରେ ଅନଲାଇନ୍ ଶିକ୍ଷାରୁ ବଞ୍ଚିତ ପ୍ରାଥମିକ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ପାଇଁ ବିକଳ୍ପ ଶିକ୍ଷାଦାନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସୁନ୍ଦରଗଡ ଠାରେ ପ୍ରଶିକ୍ଷାର୍ଥୀଙ୍କ ପାଇଁ ଇର୍ଣ୍ଟର୍ନସିପ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରତିଷ୍ଠାନର ଅଧକ୍ଷ ଶିବଶଙ୍କର ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନ କ୍ରମେ ସୁନ୍ଦରଗଡ ଜିଲାସ୍ଥିତ ଡିଆଇଇଟି ସମେତ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ କୁଣ୍ଡୁକେଲା, କୁଆଁରମୁଣ୍ଡା ଓ ଭାଲଲତାର ପ୍ରଶିକ୍ଷାର୍ଥୀମାନେ ନିଜ ଅଞ୍ଚଳରେ ରହି ଅନଲାଇନ୍ ଶିକ୍ଷାରୁ ବଞ୍ଚିତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଅଭିନବ ଢଙ୍ଗରେ ନାଚ, ଗୀତ, ଗପ ଓ ଖେଳ ମାଧ୍ୟମରେ ଶିକ୍ଷାଦାନ କରୁଛନ୍ତି। ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରାଯିବା ସହିତ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ହାସଲ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ୩୬୮ ଜଣ ପ୍ରଶିକ୍ଷାର୍ଥୀ ରାଜ୍ୟର ୨୩ଟି ଜିଲାର ୩, ୨୯୯ଜଣ ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନ କରୁଛନ୍ତି। ଅନୁଷ୍ଠାନର ପ୍ରଶିକ୍ଷକ ଗରୁଡେଶ୍ୱର ଦାସ, ପ୍ରଶିକ୍ଷିକା ଲିପିକା ବେହେରା, ମମତା ପ୍ରଧାନ, ସସ୍ମିତା ନାଏକ, ଦମୟନ୍ତୀ ପ୍ରଧାନ, ଅନିମା ତିର୍କୀ, ସୁଜାତା କାଲୋ, ସରସ୍ୱତୀ ନାଏକ, ସୁଶୀଳା ମୁଣ୍ଡୁ, ମମତା ମାଝୀ ପ୍ରମୁଖ ପ୍ରତିଦିନ ପ୍ରଶିକ୍ଷାର୍ଥୀଙ୍କର ଶିକ୍ଷାଦାନକୁ ତଦାରଖ କରୁଛନ୍ତି। ଏହି କାର୍ଯ୍ୟକ୍ରମ ଚଳିତ ଜୁଲାଇ ମାସ ଗତ ୧୫ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଅକ୍ଟୋବର ୧୦ରେ ଶେଷ ହେବ ।

## ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ

**କୁତ୍ରା,୨୩।୭ (ଡି.ଏନ.ଏ.)**

ଭାରତୀୟ ମଜଦୁର ସଂଘର ୬୭ତମ ପ୍ରତିଷ୍ଠା ଦିବସ ଶୁକ୍ରବାର କୁତ୍ରାଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ କୋଠାବାଡି ଓ ନିର୍ମାଣ ଶ୍ରମିକ ସୁନ୍ଦରଗଡ ଜିଲା ସମ୍ପାଦକ ସୁରେଶ କୁମାର ତରୱାର, ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କରସ୍ ଆସୋସିଏସନ ସୁନ୍ଦରଗଡ ଜିଲା ତଥା ଓଡିଶା ରାଜ୍ୟ ସମ୍ପାଦିକା ବିମଳା ଲାକ୍ରା ଏବଂ କୁତ୍ରା ବ୍ଲକ ଅଙ୍ଗନୱାଡି ସଂଘ ସଭାପତି ପ୍ରଦୀପ ପ୍ରଜ୍ୱଳନ କରି ଆରମ୍ଭ କରାଯାଇଥିଲା। ବ୍ଲକ ସମ୍ପାଦିକାଙ୍କ ଦ୍ୱାରା ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା। ସୁରେଶ କୁମାର ତରୱାର ସଙ୍ଗଠନଙ୍କୁ ମଜବୁତ ରଖିବାକୁ ହେଲେ ସମସ୍ତେ ଏକତାବଦ୍ଧ ହେବା ପାଇଁ ଅନୁରୋଧ କରିଥିଲେ। ସମ୍ପାଦିକା ବିମଳା ଲାକ୍ରା ନିଜ ବକ୍ତବ୍ୟରେ ଭାରତୀୟ ମଜଦୁର ସଂଘର ଶ୍ରେଷ୍ଠତା ଜଣାଇବା ସହିତ ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠାତା ରାଷ୍ଟ୍ରଋଷୀ ଦତ୍ତୋପନ୍ତ ଠେଙ୍ଗଡୀଜୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ବ୍ଲକ ସମ୍ପାଦିକା ଅନୀତା ମିଞ୍ଜ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମଜଦୁର ସଂଘର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ।



# କୋଲ୍‌ମାଇନିଂ ଆଞ୍ଚଳିକ ନିର୍ବାହୀ ନିର୍ଦ୍ଦେଶକଙ୍କ ଡୁଲଙ୍ଗା କୋଇଲା ଖଣି ପରିଦର୍ଶନ

**ସୁନ୍ଦରଗଡ଼,୨୩।୭ (ଡି.ଏନ୍.ଏ)**

ଏନ୍‌ଟିପିସି କୋଲ ମାଇନିଂ ଗ୍ରୁପର ନବନିଯୁକ୍ତ ଆଞ୍ଚଳିକ ନିର୍ବାହୀ ନିର୍ଦ୍ଦେଶକ ପାର୍ଥ ମଜୁମଦାର ଗୁରୁବାର ସୁନ୍ଦରଗଡ ଜିଲା ହେମଗିର ବ୍ଲକସ୍ଥିତ ଡୁଲଙ୍ଗା କୋଇଲାଖଣି ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ମଜୁମଦାର ଡୁଲଙ୍ଗା ଏନଟିପିସି କୋଇଲା ଖଣି ପ୍ରକଳ୍ପ କାର୍ଯ୍ୟାଳୟରେ ପହଞ୍ଚିବା ପରେ ପ୍ରକଳ୍ପର ମୁଖ୍ୟ ଚିତ୍ତରଞ୍ଜନ ବାରିକ ଓ ଅନ୍ୟ ଅଧିକାରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଆଞ୍ଚଳିକ ନିର୍ବାହୀ ନିର୍ଦ୍ଦେଶକ କୋଇଲା ଖଣି ପାର୍ଶ୍ୱ ପରିଦର୍ଶନ କରିବା ସହ ଅଫିସ କମ୍ପ୍ଲେକ୍ସ, ଓବିଡମ୍ପ ଏରିଆ, ପାଇଲଟ ପ୍ରୋଜେକ୍ଟ ଏରିଆ ଆଦି ବୁଲି ଦେଖି ଫେରିବା ପରେ ଖଣିପ୍ରକଳ୍ପ କାର୍ଯ୍ୟାଳୟରେ ଆୟୋଜିତ ଏକ ବୈଠକରେ ଯୋଗଦେଇଥିଲେ। ବୈଠକରେ ଡୁଲଙ୍ଗା ଖଣିପ୍ରକଳ୍ପର ଉତ୍ପାଦନ ବୃଦ୍ଧି ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଥିଲେ।



ଆଞ୍ଚଳିକ ନିର୍ବାହୀ ନିର୍ଦ୍ଦେଶକ ଡୁଲଙ୍ଗା କୋଇଲାଖଣି ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

# ଭର୍ଚୁଆଲରେ ୧.୬ ମିଲିୟନ ଟନ ପ୍ଲାଣ୍ଟର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

**ଲହୁଣୀପଡା,୨୩।୭(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ବଡ଼ ପୁରୁଣାପାଣି ପଞ୍ଚାୟତର କପଣ୍ଡ ଗ୍ରାମରେ ପ୍ରସ୍ତାବିତ ପେଲେଟାଇଜେସନ ପ୍ରକଳ୍ପର ଶିଳାନ୍ୟାସ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଅପରାହ୍ନ ପ୍ରାୟ ସାଢେ ପାଞ୍ଚଟାବେଳେ କରିଥିଲେ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମ ପାଇଁ ରାଜାମୁଣ୍ଡା ବାଇପାସ ଫୁଟବଲ ପଡ଼ିଆଠାରେ କାଇ ଗ୍ରୁପ ତରଫରୁ ଆୟୋଜନ କରାଯାଇଥିଲା। ଆୟୋଜିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲାପାଳ ନିଖିଲ ପବନ କଲ୍ୟାଣ, ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, କାଇ ଗ୍ରୁପ ନିର୍ଦ୍ଦେଶକ ସୁରେଶ ଅଗ୍ରୱାଲ, ନଟବର ଅଗ୍ରୱାଲ, ୟସରାଜ ସେଠିଆ ପ୍ରମୁଖ ମଞ୍ଚାସୀନ ଥିଲେ। ପଙ୍କଜ ଗର୍ଗ ଓ ସଙ୍ଗୀତା ମହାପାତ୍ର ମିଳିତ ଭାବେ ମଞ୍ଚ ପରିଚାଳନା କରିଥିବା ଦେଖିବାକୁ ମିଳିଥିଲା। ପ୍ରସ୍ତାବିତ ପେଲେଟାଇଜେସନ ପ୍ରକଳ୍ପ ପ୍ରାୟ ଏକ ଶହ ଏକର ପରିମିତ ଜମିରେ ୧.୬ ମିଲିୟନ ଟନର ପ୍ରକଳ୍ପ ନିର୍ମାଣ ହେବ। ଏଥିରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଲୋକ ରୋଜଗାରକ୍ଷମ ହୋଇପାରିବା ସହିତ ପରିବହନ ସେବା ଓ ଅନ୍ୟାନ୍ୟ ଉପାୟରେ ମଧ ଲୋକମାନେ ରୋଜଗାରକ୍ଷମ ହୋଇପାରିବେ ବୋଲି ସୁନ୍ଦରଗଡ ଜିଲାପାଳ ଓ ମଞ୍ଚାସୀନ ନିର୍ଦ୍ଦେଶକମାନେ ସୂଚନା ଦେଇଥିଲେ। ହରିହର ଦାସ, ଦିଲୀପ ମିଶ୍ର, ପ୍ରେମ ମିଶ୍ର, ଅଶୋକ ନାଏକ, ଶାଲ ଶର୍ମା, ମାଣିରାଜ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# କୁତ୍ରାରେ 'ଫଲ ଆର୍ମି ୱାର୍ମ' ପୋକ

**କୁତ୍ରା, ୨୩।୭ (ଡି.ଏନ.ଏ)**

କରୋନାର ପ୍ରଥମ ଓ ଦ୍ୱିତୀୟ ଲହର ଯୋଗୁ କୃଷକମାନଙ୍କ ଅଣ୍ଟା ସଳଖି ନ ଥିବା ବେଳେ ବର୍ତ୍ତମାନ ସୁନ୍ଦରଗଡ ଜିଲାରେ ବର୍ଷାର ଲୁଚକାଳି ଯୋଗୁ ଚାଷୀ ଚିନ୍ତାଗ୍ରସ୍ତ ରହିଛନ୍ତି। ଏବେ ବୋଝ ଉପରେ ନଳିତା ବିଡା ସଦୃଶ ଆଉ ଗୋଟେ ବିପତ୍ତି ମାଡି ଆସିଛି କୃଷକଙ୍କ ଉପରେ। କୁତ୍ରା ବ୍ଲକରେ ୨ବର୍ଷ ପୂର୍ବରୁ ଲାଗିଥିବା ମାରାତ୍ମକ ପୋକ 'ଫଲ ଆର୍ମି ୱାର୍ମ' ଚାଷୀଙ୍କ ନିଦ ହଜାଇ ଦେଇଥିଲା। ଏହି ପୋକ ଗୋଟିଏ ରାତିରେ ୪୦୦ କିଲୋମିଟର ଗତିକରି ପାରୁଥିବାବେଳେ ଥରକେ ୧୦୦୦ ଅଣ୍ଡା ଦେଇପାରେ। ତାସହ ୧୨୦ ପ୍ରକାର ଶସ୍ୟକୁ ନଷ୍ଟ କରିଥାଏ। ବର୍ତ୍ତମାନ କୁତ୍ରା ଗ୍ରାମର ଚୁନିପଡାଠାରେ ପୁଣିଥରେ ଦକ୍ଷିଣ ଆଫ୍ରିକାରୁ ଆସିଥିବା 'ଫଲ ଆର୍ମି ୱାର୍ମ' ପୋକ ଲାଗିଥିବାର ଦେଖିବାକୁ ମିଳିଛି। ଏହି ମାରାତ୍ମକ ପୋକ ଗତ ଜୁଲାଇ ୨୦୧୯ ରେ ପ୍ରଥମେ ଓଡିଶାର ସୁନ୍ଦରଗଡ ଜିଲା କୁତ୍ରା ବ୍ଲକର ପସ୍ମାପଡାରେ ଠାବ କରାଯାଇଥିଲା। ସେତେବେଳେ ମଧ୍ୟ ଏହି ପୋକ ଏକର ଏକର ମକ୍କା ଫସଲ ଖାଇ ନଷ୍ଟ କରିଥିଲେ। ଠିକ ତାର ଦୁଇ ବର୍ଷ ପରେ ସେହି ଜୁଲାଇ ମାସରେ କୁତ୍ରା ଚୁନିପଡାରେ ମୋତିରାମ ସିଂ ଓ ସୁନ୍ଦର ସିଂଙ୍କ ମକ୍କା ଫସଲରେ ଏହି ପୋକ ଲାଗିଥିବା ଦେଖାଯାଇଛି। ବର୍ତ୍ତମାନ ସୁନ୍ଦର ସିଂଙ୍କ ମକ୍କା ଚାଷରେ ଏହା ଭରପୁର ଲାଗିଥିବା ଦେଖାଯାଇଛି। କୃଷି ବୈଜ୍ଞାନିକଙ୍କ ତଥ୍ୟ ଅନୁଯାୟୀ 'ଫଲ ଆର୍ମି ୱାର୍ମ' ହେଉଛି ଦକ୍ଷିଣ ଆଫ୍ରିକୀୟ ପୋକ। ବାତ୍ୟାରେ ଭାରତକୁ ଆସିଥାଇ ପାରେ ବୋଲି ଅନୁମାନ କରାଯାଉଛି। ଥରକେ ୧୦୦୦ଟି ଅଣ୍ଡା ଦେଉଥିବା ବେଳେ ଅଣ୍ଡା ଦେବାର ୨ ଦିନ ପରେ ଛୁଆ ବାହାରି ପ୍ରଥମେ ପୋକ ଭାବରେ ୩୦ ଦିନ ରହେ ଓ ପରେ ଡେଣା ବାହାରି ପ୍ରଜାପତିର ରୂପ ନେଇ ସେମାନେ ଗୋଟିଏ ରାତିରେ ୪୦୦ କିଲୋମିଟର ଉଡି ଯାଇପାରନ୍ତି। ଏମାନେ ସାଧାରଣତଃ ଧାନ, ମକ୍କା, କାକୁଡି, ହରଡ, ମୂଳା ପ୍ରଭୃତି ୧୨୦ ପ୍ରକାରର ଶସ୍ୟକୁ ନଷ୍ଟ କରି ଖାଇଯାଆନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ସାଧାରଣ କୀଟନାଶକ ଔଷଧରେ ଏମାନେ ମରନ୍ତି ନାହିଁ । କୁତ୍ରା ଅଞ୍ଚଳରେ ମକ୍କା ଫସଲ ଚାଷ କରିଥିବା ଚାଷୀ ମାନେ ଏହାର ଉପସ୍ଥିତିକୁ ନେଇ ପୁଣିଥରେ ଚିନ୍ତାରେ ଅଛନ୍ତି। ଗୋଟିଏ ପଟେ କରୋନା ସାଙ୍ଗକୁ ନିଅଣ୍ଟିଆ ବର୍ଷା ଚାଷୀଙ୍କ ଚିନ୍ତା ବଢେଇ ଦେଇଥିବାବେଳେ ବର୍ତ୍ତମାନ ମକ୍କା ଫସଲରେ ଏହି ବିଦେଶୀ ପୋକକୁ ନେଇ ଚିନ୍ତାରେ ଚାଷୀ। ଏହାକୁ ନେଇ ଶୁକ୍ରବାର କୃଷି ବୈଜ୍ଞାନିକଙ୍କ ଦଳ କୁତ୍ରା ଅଞ୍ଚଳରେ ପହଞ୍ଚି କ୍ଷତିଗ୍ରସ୍ତ ମକା କ୍ଷେତ ନିରୀକ୍ଷଣ କରିବା ସହ ପୋକ ନମୁନା ସଂଗ୍ରହ କରିଛନ୍ତି। ଜିଲା କୃଷି ଅଧିକାରୀ ଦୃବଚରଣ ମହାନ୍ତି, ବୈଜ୍ଞାନିକ ସୌମେନ୍ଦ୍ର ବରାଳ, ସ୍ଥାନୀୟ କୃଷି ଅଧିକାରୀ ସଞ୍ଜୟ ସୋରେଙ୍ଗ ପ୍ରମୁଖ ଆସି ତଦନ୍ତ କରିଛନ୍ତି।




କୃଷି ବୈଜ୍ଞାନିକ ଦଳ କୁତ୍ରା ଅଞ୍ଚଳରେ ପହଞ୍ଚି କ୍ଷତିଗ୍ରସ୍ତ ମକା କ୍ଷେତ ନିରୀକ୍ଷଣ କରୁଛନ୍ତି।

**କୃଷି ବୈଜ୍ଞାନିକଙ୍କ ଚାଷଜମି ନିରୀକ୍ଷଣ**

## ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

ଝାରସୁଗୁଡ଼ା ଅଫିସ୍: ଝାରସୁଗୁଡ଼ା ଜିଲା ଲଇକେରା ଥାନା ସାରଙ୍ଗଲୋଇ ପଞ୍ଚାୟତ ଅଇତାପାଲି ଗ୍ରାମର ଚାଷୀ ମହେନ୍ଦ୍ର ଓରାମ (୪୧) ଶୁକ୍ରବାର କ୍ଷେତରେ କାମ କରୁଥିବାବେଳେ ତାଙ୍କୁ ନାଗ ସାପ କାମୁଡ଼ିଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ମୁଦ୍ରାଯୋର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଅ ବିକାଶଙ୍କଠାରୁ ଖବରପାଇ ଲଇକେରା ଥାନା ଆଇଆଇସି ପ୍ରବୀର କେଶରୀ ତ୍ରିପାଠୀ ମୃତଦେହ ଜବତ କରିଛନ୍ତି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ୍ କହିଛି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାପାଇଁ ଦାବି ହେଉଛି।

## ସଂକ୍ଷେପରେ

### ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ହେଲେ ଶିବ ପ୍ରସାଦ

ସମ୍ବଲପୁର,୨୩।୭(ବ୍ୟୁରୋ): ଓଡ଼ିଶା ସାହିତ୍ୟ ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଭାବେ ସମ୍ବଲପୁର ବରିଷ୍ଠ ଲେଖକ ଶିବ ପ୍ରସାଦ ତ୍ରିପାଠୀ ମନୋନୀତ ହୋଇଛନ୍ତି। ଏପର୍ଯ୍ୟନ୍ତ ତାଙ୍କର ୨୫ଟି ପୁସ୍ତକ ପ୍ରକାଶିତ ହୋଇଛି। ସେଥିମଧ୍ୟରୁ ସମ୍ବଲପୁର ଭାଷା ଆନ୍ଦୋଳନର ଇତିହାସ, କାଳଜୟୀ ମହତାବ, ମେହେର ସାହିତ୍ୟ ସମ୍ପଦ, ଭାଷା ପ୍ରେମୀ ଶ୍ରୀପତି ମିଶ୍ର, ମଙ୍ଗଳୁ ଚରଣ ରଚନାବଳୀ, ରାମଚନ୍ଦ୍ର ନାଥ ଗ୍ରନ୍ଥାବଳୀ ପ୍ରଭୃତି ରହିଛି। ବିଭିନ୍ନ ଖବରକାଗଜରେ ମଧ ତାଙ୍କ ଲେଖା ପ୍ରକାଶିତ ହୋଇଛି। ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିନିଧି ଭାବେ ସେ ଏହି ଦାୟିତ୍ୱ ନିର୍ବାହ କରିବେ।

### ଟ୍ରେଲର ଦୁର୍ଘଟଣାଗ୍ରସ୍ତ, ୬ଘଣ୍ଟା ରାସ୍ତା ଜାମ୍

ଜମନକିରା, ୨୩।୭ (ଡି.ଏନ୍.ଏ.): ଜମନକିରା ବ୍ଲକ୍ ବଡ଼ରମା ଘାଟିରେ ଶୁକ୍ରବାର ଏକ ଟ୍ରେଲର କେନ୍ଦୁଝରରୁ ଲୁହା ବୋଝେଇ କରି ସମ୍ବଲପୁର ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଓଲଟିପଡ଼ିବାରୁ ୫୩ନଂ. ଜାତୀୟ ରାଜପଥ ବନ୍ଦ ହୋଇ ଯାଇଥିଲା। ଉଭୟ ପାର୍ଶ୍ୱରେ ଯାନବାହନ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଯାତାୟାତ କରିପାରି ନ ଥିଲା। ସମ୍ବଲପୁରରୁ କ୍ରେନ୍ ଆସି ଲୁହାପଥର ବାହାର କରି ଅନ୍ୟ ଗାଡ଼ିରେ ଭର୍ତ୍ତି କରିବା ସହ ଟ୍ରେଲରକୁ ସାଇଡ୍ କରିଥିଲା। ପରେ ଗାଡ଼ି ଯାତାୟାତ ସ୍ୱାଭାବିକ ହୋଇଥିଲା। ତେବେ ଚାଳକ ଓ ହେଲପର ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି।

### ବିଷପିଇ ମହିଳାଙ୍କ ମୃତ୍ୟୁ: ବାପଘର ଲୋକଙ୍କ ହତ୍ୟା ଅଭିଯୋଗ

ଝାରସୁଗୁଡ଼ା ଅଫିସ,୨୩।୭: ଲଇକେରା ଥାନା ଭାଲୁପତ୍ରା ଗ୍ରାମର ଡିଲେଶ୍ୱର ରୋହିଦାସଙ୍କ ସ୍ତ୍ରୀ ସୁଭଶ୍ରୀ (୨୨) ଶୁକ୍ରବାର ପାରିବାରିକ କଳହକୁ ନେଇ ବିଷ ପିଇଥିଲେ। ତାଙ୍କୁ ପରିବାର ଲୋକେ ପ୍ରଥମେ ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟ ଓ ପରେ ଏକ ଘରୋଇ ହସ୍ପିଟାଲ୍‌କୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତା ମହିଳାଙ୍କ ପରିବାର ଲୋକେ ଝିଅକୁ ଶାଶୁଘର ଲୋକ ବିଷ ପିଆଇ ମାରିଦେଇଛନ୍ତି ବୋଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୧୮୬/୨୧) ରୁଜୁକରି ତଦନ୍ତ ଚଳାଇଛି। ତଦନ୍ତ ପରେ ଯାହାକିଛି ପଦକ୍ଷେପ ଗ୍ରହଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଆଇଆଇସି ପ୍ରବୀର କିଶୋର ତ୍ରିପାଠୀ କହିଛନ୍ତି।

### ମଜୁରୀ ଚୁକ୍ତିନାମା ପାଇଁ ତୁରନ୍ତ ପଦକ୍ଷେପ ନିଅ

#### ମିଳିତ ଟ୍ରେଡ୍ ୟୁନିୟନ ମଞ୍ଚର ଦାବି

ରାଉରକେଲା ଅଫିସ,୨୩।୭: ମିଳିତ ଟ୍ରେଡ଼ ୟୁନିୟନ ମଞ୍ଚର ଏକ ବୈଠକ ଆର୍‌ଆଇକେକେଏସ୍ ଅଫିସ ପରିସରରେ ଗୁରୁବାର ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶ୍ରମିକ ନେତା ତଥା ସିଆଟିୟୁର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ଆର୍‌ଆଇକେକେଏସ୍‌ର ସଭାପତି ହିମାଂଶୁ ବଳ ଉପସ୍ଥିତ ସମସ୍ତ ଶ୍ରମ ସଙ୍ଗଠନର ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇଥିଲେ। ମଜୁରୀ ଚୁକ୍ତିନାମା ପାଇଁ ଗତ ଜୁନ ୩୦ରେ ଅନୁଷ୍ଠିତ ଧର୍ମଘଟ ଶ୍ରମିକମାନଙ୍କ ଏକତାର ବିଜୟ ବୋଲି ପ୍ରତିନିଧିମାନେ ମତ ପ୍ରକାଶ କରିଥିଲେ। ସେଲ୍ କର୍ତ୍ତୃପକ୍ଷ ମଜୁରୀ ବାବଦରେ ଏନ୍‌ଜେସିଏସ୍ ବୈଠକ ଡାକି ଚୁକ୍ତିନାମା ନ କଲେ ସମସ୍ତ ରାଷ୍ଟ୍ରାୟତ ଶିଳ୍ପରେ ଯେଉଁ ଶାନ୍ତି ବ୍ୟାହତ ହେବ ସେଥିପାଇଁ ଇସ୍ପାତ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଆଜିର ବୈଠକରେ ଆର୍‌ଏସ୍‌ଏସ୍‌ର ଚକ୍ରଧର ପ୍ରଧାନ, ଜିଏମ୍‌ଏମ୍‌ର ଗୋପାଳ ଦାସ, ଆର୍‌ଏମ୍‌ଏସ୍‌ର ଶଶଧର ନାୟକ, ଖଗେନ୍ଦ୍ର ବେହେରା, ସିଆଇଟିୟୁର ବସନ୍ତ ନାୟକ, ଆର୍‌ଡବ୍ଲ୍ୟୁର ଅଜିତ ନାୟକ, ଏଆଇଟିୟୁସିର ନୀଳମାଧବ ସାହୁ, ଏସ୍‌ଇଏଆର୍‌ର ହେମନ୍ତ ବେଉରିଆ, ଆର୍‌ଆଇକେକେଏସ୍‌ର ପ୍ରଦୋଷ ପଣ୍ଡା, ଏଆଇସିସିଟିୟୁର ସୁବାଷ ଜାମୁଡାଲିଆ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଶ୍ରମ ସଙ୍ଗଠନ ବିମାନ ମାଇତି, ପ୍ରମୋଦ କୁମାର ଦାସ, ଶେଖ ଇସଲାମ, ଆର୍‌ଆଇକେକେଏସ୍‌ର ବହୁ କର୍ମକର୍ତ୍ତା ବୈଠକରେ ଉପସ୍ଥିତ ଥିଲେ। ଶେଷରେ ବିଏମ୍‌ଏସ୍‌ର ରାଜେନ୍ଦ୍ର ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଜମି ଅଧିଗ୍ରହଣକୁ କୋଶଳ ସେନାର ବିରୋଧ

ଝାରସୁଗୁଡ଼ା ଅଫିସ,୨୩।୭



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କୋଶଳ ସେନା ସଦସ୍ୟଙ୍କ ବିକ୍ଷୋଭ।

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କୋଇଲାକ୍ଷେତ୍ର ତରଫରୁ ବିସ୍ଥାପିତ ଗ୍ରାମବାସୀଙ୍କୁ ଥଇଥାନ କରିବା ପାଇଁ ବଞ୍ଜାରୀ ପଞ୍ଚାୟତ ଚାଉଁରିମହୁଲ ନିକଟରେ ଶତାଧିକ ଏକର ସରକାରୀ ଜମି କମ୍ପାନୀ ହାତେଇଛି। ଏହାକୁ ବିରୋଧ କରି ଝାରସୁଗୁଡ଼ା ଜିଲା କୋଶଳ ସେନା ତରଫରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା।

କୋଶଳ ସେନା ଅଭିଯୋଗ କରିଛି ବିସ୍ଥାପିତଙ୍କୁ ଥଇଥାନ କରିବା ଉଦ୍ଦେଶ୍ୟରେ କମ୍ପାନୀ ଚାଉଁରିମହୁଲ ନିକଟରେ ୧୮୫ଏକର ଜମି ଅଧିଗ୍ରହଣ କରିଛି। ଏହି ଜମିରେ ଶାଳ, ପିଆଶାଳ, କେନ୍ଦୁ ଆଦି ଗଛ ରହିଛି। ଏଠାରୁ ବଞ୍ଜାରୀ ପଞ୍ଚାୟତର ଲୋକେ ଜାଳେଣି କାଠ, ଦାନ୍ତକାଠି, କେନ୍ଦୁପତ୍ର ଓ ଶାଳପତ୍ର ଆଦି ସଂଗ୍ରହକରି ଚଳୁଥିଲେ। ଏହାଛଡା କରୋନା ସମୟରେ ଅମ୍ଳଜାନ ଅଭାବ ଭଳି ସମସ୍ୟାକୁ ଦୃଷ୍ଟିରେ ରଖି ବନବିଭାଗ ଓ ଜିଲା ପ୍ରଶାସନ ବୃକ୍ଷ ରୋପଣ କରିବା ପାଇଁ ଲୋକଙ୍କୁ ସଚେତନ କରୁଛନ୍ତି। ଏଭଳି ସ୍ଥିତିରେ କମ୍ପାନୀ କର୍ତ୍ତୃପକ୍ଷ ଜଙ୍ଗଲ ହାତେଇ ଗଛ କାଟିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। କମ୍ପାନୀ ଏଥିରୁ ନିବୃତ୍ତ ନ ରହିଲେ କୋଶଳ ସେନା ରାଜରାସ୍ତାକୁ ଓହ୍ଲାଇବ। ସୂଚନାଯୋଗ୍ୟ ଗତ ୧୪ତାରିଖରେ ଉପଜିଲାପାଳ ଶିବ ଟପ୍ପୋ, ଲଖନପୁର ତହସିଲଦାର ବିଶ୍ୱକେଶନ ପାଣ୍ଡେ, ଲଖନପୁର ଓ ବେଲପାହାଡ ଥାନା ପୋଲିସ ଉପସ୍ଥିତିରେ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପରେ ସ୍ଥାନୀୟ ଲୋକେ ଜାଣିବାକୁ ପାଇଥିଲେ ବିସ୍ଥାପିତଙ୍କ ଥଇଥାନ ଉଦ୍ଦେଶ୍ୟରେ ଏମ୍‌ସିଏଲ୍ ଜମି ଅଧିଗ୍ରହଣ କରୁଛି। ପୂର୍ବରୁ ଏ ନେଇ ଏମ୍‌ସିଏଲ୍ କିମ୍ବା ଜିଲା ପ୍ରଶାସନ ତରଫରୁ ସ୍ଥାନୀୟ ଲୋକଙ୍କୁ ସୂଚନା ଦିଆଯାଇନାହିଁ। ଯଦି କୌଣସି ଶିଳ୍ପ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରାଯିବ ତା' ପୂର୍ବରୁ ଲୋକଙ୍କ ମତାମତ ପାଇଁ ଜନଶୁଣାଣି କରାଯିବା ନିୟମ ରହିଛି। ଏହାକୁ ଉଲ୍ଲଂଘନ କରି ସରକାରୀ ଜମି ହାତେଇବା ପାଇଁ କମ୍ପାନୀ ପ୍ରୟାସ ଚଳାଇଛି ବୋଲି ଲଖନପୁର କୋଇଲା ଖଣି ବିସ୍ଥାପିତ ସଂଗ୍ରାମ ସମିତି ସଭାପତି ବିରଞ୍ଚି ସାହୁ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ସମିତି ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

#### ଏମ୍‌ସିଏଲ୍ ବିସ୍ଥାପିତଙ୍କୁ ଥଇଥାନ ଯୋଜନା

ଏ ନେଇ ଲଖନପୁର ତହସିଲଦାର ପାଣ୍ଡେ କହିଛନ୍ତି, ବିସ୍ଥାପିତଙ୍କୁ ଥଇଥାନ ପାଇଁ ଚାଉଁରିମହୁଲ ନିକଟରେ ୨ଶହ ଏକର ଜମି ଯୋଗାଇଦେବା ପାଇଁ ୨୦୧୫ରେ କମ୍ପାନୀ ଜିଲା ପ୍ରଶାସନ ନିକଟରେ ଆବେଦନ କରିଥିଲା। ୨୦୧୭-୧୮ମସିହାରେ ୧୮୫ଏକର ଜମି କମ୍ପାନୀକୁ ଯୋଗାଇ ଦିଆଯାଇଛି। ଏହି ଜମି ମଧ୍ୟରେ ଅଧିକାଂଶ ପତିତ ଓ ଅବଶିଷ୍ଟ ମାଲ୍ ଓ ଆଟ୍ ଜମି ରହିଛି। ଏହାକୁ ଏମ୍‌ସିଏଲ୍ ବିସ୍ଥାପିତ ଯୁରାବଗା, କର୍ଲାଯୋରୀ, ଖଲିଆପାଲି, ଉବୁଡା ଓ କୁଶ୍ରାଲୋଇ ଆଦି ଗ୍ରାମବାସୀଙ୍କ ଥଇଥାନ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ।

# ଜିଏମ୍‌ୟୁ ପରିସରରେ ଇଗ୍ନୋ ଶିକ୍ଷାକେନ୍ଦ୍ର

ସମ୍ବଲପୁର,୨୩।୭(ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ରେ ଚଳିତ ଶିକ୍ଷାବର୍ଷଠାରୁ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବଶ୍ୱିଦ୍ୟାଳୟ (ଇଗ୍ନୋ) ଆରମ୍ଭ ହେବ। ବିଭିନ୍ନ ସମସ୍ୟା ଯୋଗୁ ୨୦୧୮ରୁ ତିନି ବର୍ଷଧରି ଏହା ବନ୍ଦ ରହିବା ପରେ ପୁନର୍ବାର କାର୍ଯ୍ୟକ୍ଷମ ହେବାକୁ ଯାଉଛି। ବିଶ୍ୱବିଦ୍ୟାଳୟରେ ନାମ ଲେଖା ଆରମ୍ଭ ହୋଇଛି। ଏଠାରେ ପୂର୍ବଭଳି କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ବିଭିନ୍ନ ବିଷୟରେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ଶିକ୍ଷାଦାନ କରାଯିବ। ଚଳିତ ଶିକ୍ଷା ବର୍ଷରୁ କେତେକ ନୂତନ ପାଠ୍ୟକ୍ରମ ଖୋଲିବା ପାଇଁ ଯୋଜନା ରହିଛି ବୋଲି ଶିକ୍ଷାକେନ୍ଦ୍ରର ସଂଯୋଜିକ ମନୋସ୍ମିତା ମହାପାତ୍ର ସୂଚନା ଦେଇଛନ୍ତି। ସ୍ଥାନ ଅଭାବ, ଆବଶ୍ୟକ ସଂଖ୍ୟକ ଶିକ୍ଷକ ଓ କର୍ମଚାରୀ ନ ଥିବାରୁ ଏହି ଶିକ୍ଷାକେନ୍ଦ୍ର ବନ୍ଦ ରହିଥିଲା। କେବଳ ରବିବାର ଏଠାରେ ପାଠପଢା ହେଉଥିଲା। ଏବେ ଜିଏମ୍‌ୟୁ କ୍ୟାମ୍ପସ୍‌ରେ କେତେକ ନୂତନ କୋଠା ନିର୍ମାଣ କରାଯାଇଥିବା ବେଳେ ଆଉ କେତେକର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହା ଦ୍ୱାରା ଶ୍ରେଣୀକକ୍ଷ ସମସ୍ୟା ଦୂର ହୋଇଯିବ ବୋଲି ଜିଏମ୍‌ୟୁ ଉପକୁଳସଚିବ ଡ. ଉମାଚରଣ ପତି କହିଛନ୍ତି। ଏଠାରେ ଶିକ୍ଷାକେନ୍ଦ୍ର ଖୋଲିବା ପାଇଁ ମୁକ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଜିଏମ୍‌ୟୁ ପ୍ରଶାସନକୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ ୨୦୧୮ରୁ ଇଗ୍ନୋ ଶିକ୍ଷାକେନ୍ଦ୍ର ସହରରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟକୁ ଉଠିଯାଇଥିଲା।

# ବିପଦସଙ୍କୁଳ ଗୃହରେ ଚାଲିଛି କାର୍ଯ୍ୟାଳୟ



ବିପଦସଙ୍କୁଳ ଅବସ୍ଥାରେ ଥିବା କବରାପାଲି ଆର୍‌ଆଇ ଅଫିସ।

ସମ୍ବଲପୁର,୨୩।୭(ବ୍ୟୁରୋ)

#### କବରପାଲି ଆର୍‌ଆଇ ଅଫିସ

ଯୁଯୁମୁରା ତହସିଲ ଅନ୍ତର୍ଗତ କବରପାଲି ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଅଫିସ ବିପଦସଙ୍କୁଳ ଗୃହରେ ଚାଲିଛି। ଆଜବେଷ୍ଟସ୍ ଭାଙ୍ଗି ଯାଇଥିବାରୁ ଛାତରେ ତାରପୋଲିନ ପକାଯାଇଛି। ସେହିପରି କୋଠରି କାନ୍ଥଗୁଡିକ ଫାଟି ଆଁ କରିଛି। ଫଳରେ କର୍ମଚାରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ କାମରେ ଆସୁଥିବା ଲୋକଙ୍କ ଜୀବନ ପ୍ରତି ବିପଦ ରହୁଛି। ପ୍ରାୟ ୫ବର୍ଷ ହେଲା ଏଭଳି ଅବସ୍ଥାରେ ଅଫିସ କାର୍ଯ୍ୟ ଚାଲୁଥିବା ଅଞ୍ଚଳବାସୀ କହିଛନ୍ତି।

ସୂଚନା ଅନୁଯାୟୀ କବରପାଲି ଆର୍‌ଆଇ ଅଫିସ ଅଧୀନରେ ଜୟନ୍ତପୁର, ପଣ୍ଡୁପାଲି, ଫଟାବାହାଳ, କବରାପାଲି, କେନ୍ଦୁଘାଟି, ପଥରଗଡା, ନୀଳଡୁଙ୍ଗୁରି ଆଦି ୨୫ ରାଜସ୍ୱ ଗ୍ରାମ ରହିଛି। ଏହା ସହ ୨୫ ହାମଲେଟ ମଧ ରହିଛି। ଏହାଛଡା ପଥରଖାଦାନ, ବାଲିଖାଦାନ, ମାଟି ଖାଦାନ ଏହି ଅଫିସ ଦ୍ୱାରା ପରିଚାଳିତ। ପ୍ରାୟ ୬ ହଜାରରୁ ଅଧିକ ଲୋକ ଏହା ଉପରେ ନିର୍ଭର କରନ୍ତି। ଖଜଣା ଦେବାଠାରୁ ଆରମ୍ଭ କରି ପ୍ରମାଣପତ୍ର ଓ ମ୍ୟୁଟେଶନ ମାମଲା ଭଳି ଜମି ସମ୍ବନ୍ଧୀୟ କାମରେ ସେମାନେ ଅଫିସ ଆସନ୍ତି। ଅଫିସ ଖୋଲିବା ମାତ୍ରେ ଲୋକଙ୍କ ଭିଡ ହୋଇଥାଏ। ହେଲେ ଅଫିସର ଶୋଚନୀୟ ଅବସ୍ଥା ଯୋଗୁ ସେମାନଙ୍କ ଜୀବନ ବିପଦରେ ରହୁଛି। ମିଳିଥିବା ରିପୋର୍ଟ ଅନୁସାରେ ଏହି ଅଫିସ ମାଧ୍ୟମରେ ବାର୍ଷିକ ପ୍ରାୟ ଦେଢକୋଟିରୁ ୨ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଥାଏ। ଏତେ ପରିମାଣ ରାଜସ୍ୱ ଦେଉଥିବା ଅଫିସ ଅବସ୍ଥା ଏଭଳି କାହିଁକି ରଖାଯାଇଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ତୁରନ୍ତ ଅଫିସର ନୂତନ କୋଠା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି, ଏ ନେଇ ସୂଚନା ଆସି ନାହିଁ। ତଥାପି ଖୁବ୍‌ଶୀଘ୍ର ନୂତନ କୋଠା ଓ ଅନ୍ୟାନ୍ୟ ସମସ୍ୟା ସମାଧାନ ନେଇ ପଦକ୍ଷେପ ଗ୍ରହଣ କରାଯିବ।

# ବିଶୃଙ୍ଖଳିତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

ସମ୍ବଲପୁର,୨୩।୭(ବ୍ୟୁରୋ)



ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସହ ସମ୍ବଲପୁର ଜିଲା ବିଜେଡି ନେତୃବୃନ୍ଦ।

ସମ୍ବଲପୁର ଜିଲାର କେତେଜଣ ବିଜେଡି ନେତା ଶୁକ୍ରବାର ରାଜ୍ୟ ସଙ୍ଗଠନ ସାଧାରଣ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ଭେଟିଛନ୍ତି। ବିଧାୟକ ଦାସଙ୍କ ବାସଭବନରେ ପ୍ରାୟ ୧ଘଣ୍ଟା ଧରି ଆଲୋଚନା ହୋଇଛି। ଏଥିରେ ଜିଲାରେ ଅନେକ ବରିଷ୍ଠ ବିଜେଡି ନେତା ଓ ବିଭିନ୍ନ ପଦପଦବୀରେ ଥିବା ନେତା ଯୋଗ ନ ଦେବାକୁ ନେଇ ଦଳୀୟ କର୍ମକର୍ତ୍ତା ଓ ବିରୋଧୀ ଆଲୋଚନା କରୁଛନ୍ତି। ହେଲେ ବୈଠକରେ ଦଳୀୟ ସଂଗଠନ ଉପରେ ଆଲୋଚନା ହୋଇଥିବା ଜଣାପଡିଛି। ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବାରୁ ଏକଜୁଟ ହୋଇ କାମ କରିବାକୁ ବିଧାୟକ ଦାସ ପରାମର୍ଶ ଦେଇଥିଲେ। ତୃଣମୂଳ ସ୍ତରର କର୍ମୀମାନଙ୍କ ସହ ଆଲୋଚନା କରିବା ସହ ସରକାରଙ୍କ ଲୋକାଭିମୁଖୀ ଯୋଜନା ଯୋଗ୍ୟ ଲୋକଙ୍କ ପାଖରେ କିଭଳି ପହଞ୍ଚିବ ସେ ନେଇ କାମ କରିବାକୁ କହିଥିଲେ। ସେହିଭଳି କୌଣସି ନେତା ଓ କର୍ମକର୍ତ୍ତା ଦଳରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଦଳୀୟ ଶୃଙ୍ଖଳାରୁ କେହି ଉର୍ଦ୍ଧ୍ୱରେ ନୁହନ୍ତି ବୋଲି ଉପସ୍ଥିତ ଥିବା ଦଳୀୟ ନେତାମାନଙ୍କୁ ଚରମବାଣି ଶୁଣାଇଥିଲେ ବିଧାୟକ ପ୍ରଣବ। ଏହା ପ୍ରଚାର ହେବା ପରେ ଅନେକ ନେତା ଓ କର୍ମକର୍ତ୍ତାଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ବୈଠକରେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ, ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ, ପୂର୍ବତନ ବିଧାୟକ ରମେଶ ପଟୁଆ, ଶାନ୍ତନୁ ହୋତା, ମୋତିଲାଲ ତନ୍ତି, ଏମ୍‌ବି ସତ୍ୟେନ, ଫଣିନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏ ସମ୍ପର୍କରେ ଜିଲା ପର୍ଯ୍ୟବେକ୍ଷକ ପ୍ରଧାନ କହିଛନ୍ତି, ଦଳୀୟ ସଂଗଠନ ଉପରେ ବୈଠକ ଅନୁଷ୍ଠିତ ହୋଇଥିଲା। ରେଙ୍ଗାଲି ବିଧାନସଭାର କେତେଜଣ ଦଳୀୟ ନେତା ସାମିଲ ଥିଲେ। ହଠାତ୍ ଏଭଳି କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା।

#### ଦଳୀୟ ନେତାଙ୍କୁ ପ୍ରଣବଙ୍କ ଚରମବାଣୀ

# ଆଚାର ପ୍ରସ୍ତୁତି, ଫୁଲଚାଷ ଦେଖିଲେ ସମ୍ବଲପୁର ଟିମ୍

ଛତ୍ରପୁର,୨୩।୭(ଡି.ଏନ.ଏ.)

ସମ୍ବଲପୁର ଡିଆର୍‌ଡିଏର ୨୨ଜଣିଆ ପ୍ରତିନିଧି ଦଳ ଶୁକ୍ରବାର ଗଞ୍ଜାମ ଜିଲା ଗସ୍ତରେ ଆସିଥିଲେ। ଗଞ୍ଜାମ ଜିଲା ଆଚାର ଓ ପାମ୍ପଡ ପାଇଁ ଖ୍ୟାତି ଅର୍ଜନ କରିଥିବାରୁ ଏହି ଟିମ ଛତ୍ରପୁର ବ୍ଲକ ନରେନ୍ଦ୍ରପୁର ସ୍ୱୟଂସିଦ୍ଧା ପିଜି ଗ୍ରୁପ କାର୍ଯ୍ୟାଳୟକୁ ଆସି ସେଠାରେ ମହିଳା ସଂଘ ପ୍ରସ୍ତୁତ କରୁଥିବା ବିଭିନ୍ନ ପ୍ରକାରର ଆଚାର ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଏହି ପିଜି ଗ୍ରୁପ ୩ଟି ମହିଳା ସଂଘ ଯଥା ନାରୀଶକ୍ତି, ମହେଶ୍ୱରୀ ଓ ମହାଲକ୍ଷ୍ମୀ ମହିଳା ସଂଘର ୩୨ ସଦସ୍ୟଙ୍କୁ ନେଇ ଗଠିତ। ସେମାନେ ୨୭ ପ୍ରକାରର ଆଚାର ସମ୍ପର୍କରେ ଏହି ଟିମକୁ କହିଥିଲେ। ବର୍ଷକୁ ୧୮ ଲକ୍ଷ ବ୍ୟବସାୟ ହେଉଥିବା ବେଳେ ପାଖାପାଖି ୬ରୁ ୭ ଲକ୍ଷ ଟଙ୍କା ଲାଭ ହେଉଥିବା ଜଣାଇଥିଲେ। ସମ୍ବଲପୁରରେ ମହିଳା ସଂଘ ସଦସ୍ୟାମାନେ ଆଚାର କିପରି ପ୍ରସ୍ତୁତ ହେଉଛି ତାହା ଜାଣିନଥିବାରୁ ଏଠାକାର ସଦସ୍ୟମାନେ ସେଠାକୁ ଯାଇ ଆଚାର ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ତାଲିମ ଦେବାପାଇଁ ଅନୁରୋଧ କରାଯାଇଥିଲା। ପରେ ଏହି ବିଭିନ୍ନ ପ୍ରକାରର ଆଚାର ନେଇ ଭିକାରୀପଲ୍ଲୀସ୍ଥିତ ନୁଆପଲ୍ଲୀ ଗ୍ରାମରେ ମହିଳା ସଂଘର ସଦସ୍ୟମାନେ କରିଥିବା ଅର୍କିଟ, ଯାରବେର ଫୁଲ ଚାଷ ଦେଖିଥିଲେ। ଟିମରେ ସମ୍ବଲପୁରର ଡିପିଏମ ଡା.ପୁଷ୍ପଶ୍ରୀ ନାୟକ, ଡେପୁଟି ସିଇଓ ଓରମାସ ଶ୍ରୀମନ୍ତ ହୋତା, ବିକାଶ ମହାନ୍ତି, ଜିତେଶ ରାଗି, ଗଞ୍ଜାମର ଏପିଡି ନଳୀନକାନ୍ତ ମିଶ୍ର, ବିପିଏମ ମାନିନୀ ଜେନା, ସ୍ୱୟଂ ସିଦ୍ଧା ପିଜି ଗ୍ରୁପର ସଭାପତି ଅମୂଲ୍ୟ ରାଉତ, ସଂପାଦକ ନିରୁଜା ରଥ, ଉଦ୍ୟୋଗୀ ମିତ୍ର କବିତା କୁମାରୀ ବାଉତ୍ୟ, କୋଷାଧକ୍ଷ ବାସନ୍ତି ମହାରଣା, ନରେନ୍ଦ୍ରପୁର ସମିତି ସଭ୍ୟ ଜ୍ୟୋତିରଞ୍ଜନ ସାହୁ, ସରପଂଚ ବାବୁଲା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଭିଜିଲାନ୍ସ ଏଏସ୍‌ପିଙ୍କୁ ଭେଟିଲେ ଶ୍ରମିକ



ଭିଜିଲାନ୍ସ ଅଫିସ ଆସିଥିବା ଶ୍ରମିକ ଓ ଗ୍ରାମବାସୀ।

ସମ୍ବଲପୁର,୨୩।୭(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ଧମା ରେଞ୍ଜ କୋଲଗାଁଠାରେ ବୃକ୍ଷରୋପଣ ନାମରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ ହୋଇଥିବା ଅଭିଯୋଗ ହୋଇଛି। ପ୍ରଭାବିତ ଶ୍ରମିକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଛନ୍ତି। ଭିଜିଲାନ୍ସ ଏଏସ୍‌ପି ଦେଓନାରାୟଣ ଦାସଙ୍କୁ ଲିଖିତ ଭାବେ ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବୃକ୍ଷରୋପଣ କାମ କରି ମଜୁରି ଟଙ୍କା ପାଇନାହାନ୍ତି। ବନ ବିଭାଗ ଓ ସ୍ଥାନୀୟ ଜଣେ ଠିକାଦାର ଅନ୍ୟ ଶ୍ରମିକଙ୍କ ଜବ୍‌କାର୍ଡ ବ୍ୟବହାର କରି ଟଙ୍କା ଉଠାଇ ନେଇଛନ୍ତି। ବାରମ୍ବାର ବନ କର୍ମଚାରୀଙ୍କୁ ଅଭିଯୋଗ କଲେ ମଧ ସୁଫଳ ମିଳୁନାହିଁ। ପ୍ରାୟ ୫୦ ହେକ୍ଟର ଜଙ୍ଗଲ ସାମିଲ କରାଯାଇଥିଲା। ଏଥିରେ କୋଲଗାଁ ଗ୍ରାମର ୬୦ ଶ୍ରମିକଙ୍କୁ ନିୟୋଜିତ କରାଯାଇଥିଲା। କେତେକ ଶ୍ରମିକ ୪ ସପ୍ତାହ ଓ ଆଉ କେତେଜଣ ସପ୍ତାହ ପର୍ଯ୍ୟନ୍ତ କାମ କରିଥିଲେ। ମଜୁରି ମାଗିବା ବେଳକୁ ବ୍ୟାଙ୍କ ଜମାଖାତାକୁ ଆସିବ ବୋଲି କହିଥିଲେ। ହେଲେ ଅନ୍ୟ ଶ୍ରମିକଙ୍କ ନାମରେ ଟଙ୍କା ଆସିଥିଲା।

#### ବୃକ୍ଷରୋପଣ ନାମରେ ଟଙ୍କା ଆତ୍ମସାତ୍ ଘଟଣା

# ଜାଗ୍ରତ ରେଳ କର୍ମଚାରୀ ପୁରସ୍କୃତ

ସମ୍ବଲପୁର,୨୩।୭(ବ୍ୟୁରୋ)

ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ବିଭିନ୍ନ ଷ୍ଟେଶନରେ କାର୍ଯ୍ୟରତ କର୍ମଚାରୀଙ୍କୁ ଶୁକ୍ରବାର ପୁରସ୍କୃତ କରାଯାଇଛି। ପରିଚାଳନା ବିଭାଗ ମୁନିଗୁଡା ଷ୍ଟେଶନ ମାଷ୍ଟର ଅନୁଜ ରାଜ, ବଲାଙ୍ଗୀର ଷ୍ଟେଶନରେ କାର୍ଯ୍ୟରତ ପଏଣ୍ଟ୍‌ସମ୍ୟାନ ସରୋଜ କୁମାର ରଣା, ଇଞ୍ଜିନିୟରିଂ ବିଭାଗର ଟ୍ରାକ ମେଣ୍ଟେନର ମୀନକେତନ ଜୁଆଡି ଓ ଦୀପୁ କୁମାରଙ୍କୁ ଜାଗ୍ରତ କର୍ମଚାରୀ ଭାବେ ପୁରସ୍କୃତ କରାଯାଇଛି। ରେଳ ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାର ଅତିଥି ଭାବେ ଯୋଗଦେଇ କର୍ମଚାରୀମାନଙ୍କୁ ଅର୍ଥରାଶି ଓ ପ୍ରମାଣ ପତ୍ର ଦେଇଥିଲେ। ବରିଷ୍ଠ ମଣ୍ଡଳ ସମନ୍ୱୟ ଯନ୍ତ୍ରୀ ଜୟନ୍ତ କୁମାର ଖମାରି, ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ତନ୍ମୟ ମୁଖୋପାଧ୍ୟାୟ,ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ପୀତବାସ ପଣ୍ଡା ଉପସ୍ଥିତ ଥିଲେ।

# ବିଧାୟକଙ୍କ ୪ର୍ଥ ଥର ଗସ୍ତ

ଝାରସୁଗୁଡ଼ା ଅଫିସ,୨୩।୭

#### ଏମ୍‌ସିଏଲ୍ ବିସ୍ଥାପିତଙ୍କ ଆନ୍ଦୋଳନ ୨୬ଦିନରେ

୯ଦଫା ଦାବିନେଇ ଏମ୍‌ସିଏଲ୍ ବିସ୍ଥାପିତ ଦର୍ଲିପାଲି ଗ୍ରାମବାସୀ ଗତ ୨୮ତାରିଖରୁ ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ପରେ ପ୍ରତୀକ ଅନଶନରେ ବସିଛନ୍ତି। ଏହା ଶୁକ୍ରବାର ୨୬ଦିନରେ ପହଞ୍ଚିଛି। ଏହାମଧ୍ୟରେ ବିଜେଡି, ଭାଜପା, କଂଗ୍ରେସ ଓ କମ୍ୟୁନିଷ୍ଟ ପାର୍ଟିର କର୍ମକର୍ତ୍ତା ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ଆନ୍ଦୋଳନ ସମୟରେ ଏମ୍‌ପି ସୁରେଶ ପୂଜାରୀ ଗୋଟିଏ ଥର ଓ ବିଧାୟକ କିଶୋର ମହାନ୍ତି ୪ଥର ଗସ୍ତକରି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ କହିଛନ୍ତି। ଜନପ୍ରତିନିଧିମାନେ ଆସି ବକ୍ତବ୍ୟ ରଖୁଥିଲେ ମଧ ଏମ୍‌ସିଏଲ୍ ତରଫରୁ ସେମାନଙ୍କୁ ସମ୍ମାନ ଜଣାଇବାପାଇଁ କୌଣସି ଅଧିକାରୀ ପହଞ୍ଚୁ ନ ଥିବା ଦେଖିବାକୁ ମିଳୁଛି।



ଆନ୍ଦୋଳନ ସ୍ଥଳରେ ବିଧାୟକ କିଶୋର ମହାନ୍ତି ଉଦ୍‌ବୋଧନ ଦେଉଛନ୍ତି।

# ଅବଧିର ଦେଢ଼ବର୍ଷ ବିତିଲା, ସରିଲାନି କାମ

ଜମନକିରା,୨୩।୭(ଡି.ଏନ.ଏ.)

#### ଜମନକିରା ବାଇପାସ୍ ରାସ୍ତା

#### ଆଞ୍ଚଳିକ ବିକାଶ ପରିଷଦର ଆନ୍ଦୋଳନ ଚେତାବନୀ

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ସଦର ମହକୁମାରେ ବାଇପାସ୍ ରାସ୍ତା ନିର୍ମାଣାଧୀନ ରହିଛି। ଅବଧିର ଦେଢବର୍ଷ ବିତିଥିଲେ ମଧ ରାସ୍ତାକାମ ଶେଷ ହୋଇନାହିଁ। ଏହାକୁ ନେଇ ବ୍ଲକ୍ ଆଞ୍ଚଳିକ ବିକାଶ ପରିଷଦ ଆନ୍ଦୋଳନ ଚେତାବନୀ ଦେଇଛି।

ପ୍ରକାଶ ଯେ, ଜମନକିରା ସଦର ମହକୁମା ଦେଇ କଲିକତା-ବମ୍ବେ ୬ନଂ. ଜାତୀୟ ରାଜପଥ ଯାଇଛି। ଏହି ରାସ୍ତାରେ ପ୍ରତ୍ୟହ ହଜାର ହଜାର ଯାନବାହନ ଯାଉଥିବା ବେଳେ ରାଜରାସ୍ତା ଜନଗହଳିପୂର୍ଣ୍ଣ ହୋଇପଡେ। ଏପରି କି ଟ୍ରାଫିକ୍ ସମସ୍ୟା ଉପୁଜି ଯାତାୟାତ ବାଧାପ୍ରାପ୍ତ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଏନ୍‌ଏଚ୍‌ଏଆଇ ପକ୍ଷରୁ ବାଇପାସ୍ ରାସ୍ତା ନିର୍ମାଣ ଯୋଜନା କରାଯାଇଥିଲା। ୨୦୧୭ରୁ ୨୦୧୯ ମଧ୍ୟରେ ରାସ୍ତା କାମ ଶେଷ କରିବା ପାଇଁ ଉଭୟ ଏନ୍‌ଏଚ୍‌ଏଆଇ ଓ ସମ୍ପୃକ୍ତ ଠିକା ସଂସ୍ଥା ମଧ୍ୟରେ ଚୁକ୍ତିନାମା ହୋଇଥିଲା।



ଅସମ୍ପୂର୍ଣ୍ଣ ବାଇପାସ୍ ରାସ୍ତା।

ମାତ୍ର ପରିତାପର ବିଷୟ ଅବଧି ଶେଷ ହେବାର ଦେଢ଼ବର୍ଷ ଅର୍ଥାତ୍ କାମ ଆରମ୍ଭର ସାଢ଼େ ୩ବର୍ଷ ବିତିଯାଇଥିଲେ ସୁଦ୍ଧା ଅଦ୍ୟାବଧି କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ମିଳିଥିବା ସୂଚନା ଅନୁସାରେ ସଂରକ୍ଷିତ ଜଙ୍ଗଲ ଯୋଗୁ ବନ ବିଭାଗ ୧ କି.ମି. ପାଇଁ ଅନୁମତି ପ୍ରଦାନ କରି ନ ଥିଲା। ବିରୋଧ ପରେ ଏନ୍‌ଏଚ୍‌ଏଆଇ ପୁନର୍ବାର ଜମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ଜାରି କଲା। ବିଜ୍ଞପ୍ତି ଜାରି ହେବାର ପାଖାପାଖି ଦେଢ଼ବର୍ଷ ବିତିଯାଇଥିବା ବେଳେ ଜମି ଯାଉଥିବା ମାଲିକଙ୍କୁ ଏଯାଏ ଅର୍ଥ ମିଳିପାରି ନାହିଁ। ଅନ୍ୟପକ୍ଷରେ ବାଇପାସ୍ ରାସ୍ତାର ଦୈର୍ଘ୍ୟ ପ୍ରାୟ ୫ କି.ମି. ରହିଥିବାବେଳେ ସାଢ଼େ ୩ କି.ମି. କାମ ଶେଷ ହୋଇଛି। ପୁଣି ନିର୍ମାଣ ହୋଇଥିବା ରାସ୍ତା ମଝିରେ ଏକ ନାଳ ରହିଥିବା ବେଳେ ସେଠାରେ ମଧ୍ୟ ପୋଲ କାମ ଅଧାପନ୍ତରିଆ ହୋଇରହିଛି। ସମ୍ପୃକ୍ତ ଠିକାସଂସ୍ଥା ଠିକ୍‌ରେ କାମ କରୁ ନ ଥିବା ଅଭିଯୋଗ ହେବାରୁ ଏନ୍‌ଏଚ୍‌ଏଆଇ ଛତିଶଗଡ଼ ରାୟପୁରର ଅନ୍ୟ ଏକ ସଂସ୍ଥାକୁ କାମ ହସ୍ତାନ୍ତର କରିଥିଲା। ମାତ୍ର ଉକ୍ତ ଠିକା ସଂସ୍ଥାର ମଧ୍ୟ ଅନୁରୂପ ଅବସ୍ଥା। ଏ ନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ଠିକା ସଂସ୍ଥା ବିଭିନ୍ନ ଆଳ ଦେଖାଇ ସମୟ ଗଡ଼େଇ ଚାଲିଛନ୍ତି। ତେବେ ଖୁବ୍ ଶୀଘ୍ର ରାସ୍ତାକାମ ଶେଷ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଜମନକିରା ବ୍ଲକ୍ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ସମ୍ପାଦକ ରବୀନ୍ଦ୍ର ମଲ୍ଲିକ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ଭେଙ୍କଟେଶ୍ୱର ରାଜୁଙ୍କୁ ପଚାରିବାରୁ ସେ କହିଥିଲେ, ଖୁବ୍‌ଶୀଘ୍ର ଜମିଅଧିଗ୍ରହଣ କରାଯାଇ ରାସ୍ତାକାମ ସମ୍ପୂର୍ଣ୍ଣ କରାଯିବ। ପୋଲ କାମ ମଧ ଶୀଘ୍ର ଶେଷ ହୋଇଯିବ ବୋଲି କହିଥିଲେ।

## ୩ ଜଣଙ୍କୁ ଉଠାଇନେଲା ପୋଲିସ

ବରଗଡ଼ ଅଫିସ୍: ବରଗଡ଼ ଜିଲା ଭେଡ଼େନ ଥାନା ଥୁଆପାଲି ଛକରୁ ଗୁରୁବାର ସନ୍ଧ୍ୟା ୬ଟାରେ ଫିଲ୍ମ ଷ୍ଟାଇଲରେ ସମ୍ବଲପୁର ପୋଲିସ ୩ଜଣଙ୍କୁ ଉଠାଇ ନେଇଛି। ମିଳିଥିବା ସୂଚନା ଅନୁଯାୟୀ, ବରଗଡ଼ ଜିଲା ରେଙ୍ଗାଲିକ୍ୟାମ୍ପ-ପପଙ୍ଗା ରାସ୍ତାର ଉଭୟ ପାର୍ଶ୍ୱରୁ ୨ଟି ପୃଥକ ଗାଡ଼ିରେ ପୋଲିସ ଆସିଥିଲା। ସେତେବେଳେ ଥୁଆପାଲି ଛକ ନିକଟରେ ଅନ୍ୟ ଏକ କାର୍ ପହଞ୍ଚିଥିବା ବେଳେ ଉଭୟ ପୋଲିସ ଗାଡ଼ି ସେହି କାର୍‌କୁ ଘେରିଗଲା। ଏହି ସମୟରେ ସମ୍ପୃକ୍ତ କାର୍‌ଟି ପୋଲିସର ଏକ ଗାଡ଼ିରେ ପିଟି ହୋଇ ସେଠାରେ ରହିଯାଇଥିଲା। ସେତେବେଳେ କାର୍‌ରେ ବସିଥିବା ଜଣେ ପାଖ କେନାଲକୁ ଡେଇଁ ଚମ୍ପଟ ମାରିଥିବାବେଳେ ଅନ୍ୟ ୩ଜଣ ଏବଂ ସେମାନଙ୍କ କାର୍‌କୁ ସମ୍ବଲପୁର ପୋଲିସ ଉଠାଇ ନେଇଥିଲା। ସମ୍ପୃକ୍ତ କାର୍‌ରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଚିହ୍ନ ରହିଥିବାରୁ ଏହି ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

## ସଂକ୍ଷେପରେ

### ଦମ୍ପତିଙ୍କଠାରୁ ଲୁଟ୍ ଘଟଣା, ୪ଗିରଫ

ବେଲପଡା,୨୩।୭ (ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ଧଉଁରାଖମନ ଗାଁର ସୋମନାଥ ମାଝି ଦମ୍ପତି ଗତ ୨୧ତାରିଖ ଦିନ ବଜାର କରି ଘରକୁ ଫେରୁଥିବା ସମୟରେ ଘୁଷରୀ ଜୋରଠାରେ ଲୁଟ୍‌ର ଶିକାର ହୋଇଥିଲେ। ୪ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ସେମାନଙ୍କୁ ମାଡ ମାରିବା ସହ ଏକ ଛୁରି ଦେଖାଇ ଭୟଭୀତ କରିଥିଲେ। ପରେ ସେମାନଙ୍କଠାରୁ ମୋବାଇଲ ଓ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ବେଲପଡା ଥାନାରେ ଅଭିଯୋଗ ହୋଇଥିଲା। ଏହି ଲୁଟ୍ ମାମଲାରେ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଥିଲା। ପ୍ରଥମେ ତୁରେକେଲା ଥାନା ଗଇଁଦିମାଲରୁ ଧରା ପଡିଥିଲେ ଲୁଟେରା ଭରତ ରାଉତ। ତାଙ୍କୁ ପଚରାଉଚରା ପରେ ଲାଠୋର ଗ୍ରାମର ପୃଥ୍ୱୀରାଜ ବାବୁ, ମନୋଜ ବାବୁ ଓ ଧ୍ରୁବଲେ ଭଇଁସାଲଙ୍କୁ ଗିରଫ କରିଥିଲା ପୋଲିସ। ଧ୍ରୁବଲେଙ୍କଠାରୁ ଏକ ମୋବାଇଲ ଓ ୨୫ଶହ ଟଙ୍କା ଜବତ କରିଥିଲା ପୋଲିସ। ଏଥିସହ ଲୁଟ୍‌ରେ ବ୍ୟବହୃତ ବାଇକ (ନଂ.ଓଡି୦୩ଏସ୦୭୩୨)କୁ ଜବତ କରାଯାଇଥିଲା। ଶୁକ୍ରବାର ଏକ ମାମଲା (ନଂ. ୧୫୯/୨୧) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଫିସର ଶଙ୍କରଲାଲ ମିର୍ଦ୍ଧା କହିଛନ୍ତି।

### ସୁବର୍ଣ୍ଣପୁରରେ ଶିକ୍ଷାସେତୁ କାର୍ଯ୍ୟକ୍ରମର ଶୁଭାରମ୍ଭ




ସୋନପୁର,୨୩।୭(ନି.ପ୍ର.): ସୋନପୁର ମଝିପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସୁବର୍ଣ୍ଣପୁର ଜିଲା ଶିକ୍ଷାସେତୁ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଅବୋଲି ସୁନିଲ ନରୱଣେ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସାମ୍ପ୍ରତିକ ସମୟରେ ସ୍କୁଲ ବନ୍ଦ ଯୋଗୁ ଛାତ୍ରୀଛାତ୍ରମାନେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ତେଣୁ ଏହି କାର୍ଯ୍ୟକ୍ରମ ଜରିଆରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଘରକୁ ଯିବେ। ପ୍ରଥମ ପର୍ଯ୍ୟାୟରେ ୧୮୪ ପ୍ରାଥମିକ ବିଦ୍ୟାଳୟ ଓ ୧୧ଟି ଉଚ୍ଚ ବିଦ୍ୟାଳୟକୁ ନିଆଯାଇଛି। ଏହି କାର୍ଯ୍ୟକ୍ରମ କିଭଳି ସଫଳ ହେବ ଜିଲାପାଳ ନରୱଣେ ସେ ନେଇ ନିଜର ମତ ରଖିଥିଲେ। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଭୋଇ କହିଥିଲେ ପ୍ରତି ୧୫ଦିନରେ ଥରେ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରାଯିବ । ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ ଜିଲାର ୧୯୫ଟି ବିଦ୍ୟାଳୟର ୧୦୯୪ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ୨୬୦୯୨ ଜଣ ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟକ୍ରମରେ ସାମିଲ କରାଯିବା ସମ୍ପର୍କରେ ସୂଚନା ଦେଇଥିଲେ। ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାର ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲାର ସମସ୍ତ ବିଇଓ, ଏବିଇଓ, ସୋନପୁର ବ୍ଲକର ସିଆରସିସି, ଶିକ୍ଷଣ ବିଜ୍ଞାନ ସଂଯୋଜକ ଅକ୍ଷୟ କୁମାର ସାହୁ, ମଝିପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଉଲୁଣ୍ଡା ବିଇଓ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ କୃଷ୍ଣଚନ୍ଦ୍ର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ ।

# ଚାଷୀଙ୍କ ଚିନ୍ତା ସ୍ୱଳ୍ପ ବୃଷ୍ଟିପାତ

ବରଗଡ଼ ଅଫିସ୍,୨୩।୭

ବରଗଡ଼ ଜିଲାରେ ସ୍ୱଳ୍ପ ବୃଷ୍ଟି ଖରିଫ ଚାଷକାର୍ଯ୍ୟକୁ ପ୍ରଭାବିତ କରିଛି। ଜିଲାର ଅଣଜଳସେଚିତ ପଦ୍ମପୁର ସମେତ ବରଗଡ଼ ଉପଖଣ୍ଡର କିଛି ଅଞ୍ଚଳରେ ଏଭଳି ସ୍ଥିତି ଉପୁଜିଛି। ଅନ୍ୟପଟେ ଅଣଜଳସେଚିତ ଅଞ୍ଚଳରେ ଉଠାଜଳସେଚନ ପ୍ରକଳ୍ପ (ଗଭୀର ନଳକୂପ) ଗୁଡ଼ିକ ମଧ୍ୟ ଠିକ୍ ଭାବେ ଚାଲି ପାରୁନାହିଁ। ବିଦ୍ୟୁତ ବିଭ୍ରାଟ ଯୋଗୁ ମୋଟରପମ୍ପ ବାରମ୍ବାର ଅଚଳ ହୋଇ ପଡୁଥିବା ଚାଷୀମାନେ କହିଛନ୍ତି। ଖରିଫ ଫସଲ ଆରମ୍ଭରୁ ଏଭଳି ସ୍ଥିତି ଚାଷୀକୁଳକୁ ଚିନ୍ତାରେ ପକାଇ ଦେଇଛି।

ଜିଲାରେ ଗତ ଜୁନମାସରେ ହାରାହାରି ବୃଷ୍ଟିପାତ ପରିମାଣ ୨୦୯.୦୫ ରେକର୍ଡ଼ କରାଯାଇଥିଲା। କିନ୍ତୁ ଧାନ ବିକ୍ରି ସମସ୍ୟା ଯୋଗୁ ଚାଷୀ ଖରିଫ ଚାଷକାର୍ଯ୍ୟ ଆରମ୍ଭ କରି ପାରି ନ ଥିଲା। ଜୁନ୍ ୩୦ରୁ ଧାନ ସଂଗ୍ରହ ପ୍ରକ୍ରିୟା ବନ୍ଦ ହେବା ପରେ ଚାଷକାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ସେତେବେଳେ ଆବଶ୍ୟକ ପରିମାଣର



ପଦ୍ମପୁର ଉପଖଣ୍ଡ ବିଲାସପୁରରେ ଅଚଳ ମୋଟରପମ୍ପକୁ ମରାମତି କରାଯାଉଛି ।

ବୃଷ୍ଟିପାତ ହେଲାନାହିଁ। ଜୁଲାଇରେ ବରଗଡ଼ ଜିଲାର ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୩୯୭ ମି.ମି। ଜୁଲାଇ ପୂରିବାକୁ ଆଉ ମାତ୍ର ସପ୍ତାହେ ଥିବାବେଳେ ଜିଲାରେ ହାରାହାରି ବୃଷ୍ଟିପାତ ପରିମାଣ ୨୨୦.୨୮ମି.ମି ରହିଛି। ଏଭଳି ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଜିଲାର ଅନେକ ଚାଷୀ ସେମାନଙ୍କ ଚାଷକାର୍ଯ୍ୟ ଆରମ୍ଭ କରିପାରିନାହାନ୍ତି। ସେହିପରି ଜିଲାର ଅଣଜଳସେଚିତ ଅଞ୍ଚଳର ଯେଉଁ ଚାଷୀମାନେ ଧାନ ବୁଣାବୁଣି କରିଛନ୍ତି, ଧାନଗଛ ଉଠିଥିଲେ ମଧ ରୁଆ, ବିହୁଡ଼ା କରି ପାରୁନାହାନ୍ତି। ବର୍ଷାଭାବରୁ ଜମି ଫାଟି ଗଲାଣି। ଆଗକୁ ବର୍ଷା ନ ହେଲେ ଗଜା ମରୁଡ଼ି ଆଶଙ୍କା ରହିଛି।

ଝାରବନ୍ଧ ବ୍ଲକ ବିଲାସପୁର ଗ୍ରାମର ଚାଷୀ ଅକ୍ଷୟ ପ୍ରଧାନ କୁହନ୍ତି, ସେ ୬ଏକର ଜମିରେ ଧାନ ବୁଣିଛନ୍ତି। ଧାନ ଗଛ ବଢ଼ିଗଲାଣି। କିନ୍ତୁ ବର୍ଷାର ଦେଖାନାହିଁ। ଆସନ୍ତା ୫ରୁ ୭ଦିନ ମଧ୍ୟରେ ଭଲ ବର୍ଷା ନ ହେଲେ ଫସଲ ନଷ୍ଟ ହୋଇଯିବ ବୋଲି ସେ କହିଥିଲେ। କୋତନା ଗ୍ରାମର ସଞ୍ଜୀବ ପ୍ରଧାନ କହିଛନ୍ତି, ଭଲ ବର୍ଷା ନ ହେବାରୁ ଚାଷକାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଗ୍ରାମରେ ଏକ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରହିଛି। କିନ୍ତୁ ବର୍ଷା ନ ହେବାରୁ ସେହି ପ୍ରକଳ୍ପ ମଧ୍ୟ ଶୁଖିଲା ପଡ଼ିଛି ଏବଂ ଚାଷକାର୍ଯ୍ୟ ଆଗେଇ ପାରୁନାହିଁ ବୋଲି ସେ କହିଥିଲେ। ବିଲାସପୁର ଗ୍ରାମର ଅନ୍ୟ ଜଣେ ଚାଷୀ ଗୁଣନିଧି ଏଣ୍ଡଜା କୁହନ୍ତି, ୮ଏକର ଜମିରୁ ସେ ୫ଏକର ଜମିରେ ଧାନ ବୁଣାବୁଣି କରିଛନ୍ତି। ଅନ୍ୟ ୩ଏକର ଜମିରେ ରୁଆଧାନ କରିବାକୁ ଚାହିଁଥିଲେ। କିନ୍ତୁ ବର୍ଷା ନ ହେବାରୁ ସେହି ଜମି ଖାଲି ପଡ଼ିଥିବା ଏଣ୍ଡଜା କହିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣାଙ୍କୁ ପଚାରିବାରୁ ସେ କହିଥିଲେ, ଗତ ଦୁଇଦିନ ହେଲା ବର୍ଷା ହେଉଛି। ଆହୁରି କିଛିଦିନ ଏଭଳି ବର୍ଷା ଜାରି ରହିଲେ ଫସଲ ପ୍ରଭାବିତ ହେବନାହିଁ।

## ଲଘୁଚାପ ବର୍ଷା, ଚାଷ କାର୍ଯ୍ୟ ସ୍ୱାଭାବିକ

ସୋନପୁର,୨୪।୭(ନି.ପ୍ର.)

**ସୁବର୍ଣ୍ଣପୁର ଜିଲା**

ଲଘୁଚାପ ବର୍ଷା ସୁବର୍ଣ୍ଣପୁର ଜିଲାର ଚାଷୀଙ୍କ ପାଇଁ ଆଶୀର୍ବାଦ ପାଲିଟିଛି। ୨୨ତାରିଖ ବିଳମ୍ବିତ ରାତିରୁ ପ୍ରବଳ ବର୍ଷା ଲାଗି ରହିବା ଫଳରେ ଗଜାମରୁଡି ଆଶଙ୍କା ଟଳିଛି। ଚଳିତ ଖରିଫ ଧାନ ଚାଷ ଏବେ ସ୍ୱାଭାବିକ ହୋଇଛି। ଶୁକ୍ରବାର ଜିଲାରେ ସର୍ବାଧିକ ୬୨୮.୮ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବୀରମହାରାଜପୁରରେ ସର୍ବାଧିକ ୨୦୨ମି.ମି., ସୋନପୁରରେ ୧୫୦ମି.ମି., ତରଭାରେ ୧୧୨.୬ମିମି, ଉଲୁଣ୍ଡାରେ ୯୩ମିମି, ବିନିକାରେ ୩୪.୨ମିମି ଓ ଡୁଙ୍ଗୁରିପାଲି ବ୍ଲକରେ ୩୭ମିମି ବର୍ଷା ହୋଇଛି। ଗୁରୁବାର ଜିଲାରେ ମୋଟ ୭୦.୪ମିମି ଓ ବୁଧବାର ୨୩୪.୫ମିମି ବର୍ଷା ହୋଇଥିଲା। ବର୍ଷା ଅଭାବରୁ ଜିଲାର ଚାଷ ଜମି ଶୁଖିଲା ପଡିଥିଲା। ମୁଣ୍ଡଫଟା ଖରା ସହିତ ନଦୀ, ନାଳ, ପୁଷ୍କରଣୀ ସବୁ ଶୁଖିଲା ପଡିଥିଲା। ଜିଲାର ଡୁଙ୍ଗୁରିପାଲି ଓ ବିନିକା ବ୍ଲକର ଚାଷୀ ହୀରାକୁଦ୍ କେନାଲ ଦ୍ୱାରା ଚାଷ କାର୍ଯ୍ୟ ଜାରି ରଖିଥିଲା ବେଳେ ସୋନପୁର, ତରଭା, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକର ଚାଷୀ ମୌସୁମୀ ବର୍ଷାକୁ ଚାହିଁ ରହିଥିଲେ। ଜିଲାରେ ଜୁନ୍ ମାସରେ ହାରାହାରି ୨୧୭ମିଲିମିଟର ବର୍ଷା ହୋଇଥାଏ କିନ୍ତୁ ଚଳିତ ଥର ୮ମିଲିମିଟର କମ୍ ବର୍ଷା ହୋଇଥିଲା। ଜୁଲାଇ ମାସରେ ୩୯୯ମିଲିମିଟର ସାଧାରଣ ବର୍ଷା ହେବା ସ୍ଥାନରେ ୧୯ ତାରିଖ ସୁଦ୍ଧା ମାତ୍ର ୮୦ମିଲିମିଟର ବର୍ଷା ହୋଇଥିଲା। ସ୍ୱାଭାବିକ ଠାରୁ ଯଥେଷ୍ଟ କମ୍ ବର୍ଷା କାରଣରୁ ୪ଟି ଅଣଜଳସେଚିତ ବ୍ଲକର ଚାଷୀ ପାଣି ଟୋପାଏ ପାଇଁ ହନ୍ତସନ୍ତ ହୋଇଥିଲେ । ଜମି ଫାଟି ଆଁ କରିବା ସହ ଅନେକ ସ୍ଥାନରେ ତଳି ପକାଯାଇଥିବା ଓ ବୁଣା ହୋଇଥିବା ଧାନ ମରିବାକୁ ବସିଥିଲା। ଗଜା ମରୁଡି ଆଶଙ୍କାରେ ସେ ଚିନ୍ତିତ ଥିଲେ। ଚଳିତ ଖରିଫ ଋତୁରେ ଜିଲାର ୯୬ହଜାର ୫୦୦ହେକ୍ଟର ଜମିରେ ଧାନ ଚାଷ କରାଯିବାକୁ ଲକ୍ଷ୍ୟ ଥିଲା। ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ସବୁ କାର୍ଯ୍ୟ ପଛେଇ ଯାଇଥିଲା । କିଛି ଅଞ୍ଚଳରେ ଜଳାଶୟରୁ ପାଣି ପମ୍ପ ଦ୍ୱାରା ଜଳ ଉତ୍ତୋଳନ କରି ଚାଷୀ ତଳି ଧାନ ଗଛ ଗୁଡିକୁ ବଞ୍ଚାଇ ରଖିବାକୁ ଚେଷ୍ଟା କରିଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକ କୁହନ୍ତି, ଜୁଲାଇ ମାସରେ କମ୍ ବର୍ଷା ଯୋଗୁ ଧାନ ଚାଷ ପ୍ରଭାବିତ ହୋଇଥିଲା। ଲଘୁଚାପ ବର୍ଷା ଚାଷୀଙ୍କ ପାଇଁ ବରଦାନ ସଦୃଶ ହୋଇଛି।

## ପାଇଖାନାରେ ଆଶ୍ରିତ ବୃଦ୍ଧାଙ୍କ ପାଖରେ ପହଞ୍ଚିଲା ପ୍ରଶାସନ

ଲୋଇସିଂହା,୨୩।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କେଉଁଟପାଲି ଗ୍ରାମର ବିଧବା ଫୁଲ ମୁଦୁଲି (୭୫)ଙ୍କ ଘର ଭାଙ୍ଗି ଶୋଚନୀୟ ହୋଇପଡିଛି । ଅନ୍ୟ କୌଣସି ବାଟ ନ ଥିବାରୁ ସେ ପାଇଖାନାରେ ଆଶ୍ରୟ ନେଇଛନ୍ତି। ଶୁକ୍ରବାର ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଲୋଇସିଂହା ବ୍ଲକ ବିଏସଏସଓ ଅଫିସର ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଶ୍ରୀକାନ୍ତ ଗଡତ୍ୟା ତଦନ୍ତ ପାଇଁ କେଉଁଟପାଲିରେ ପହଞ୍ଚିଥିଲେ। ତାଙ୍କ ସହ ନାଏବ ସରପଞ୍ଚ ପୁଷ୍ପାଞ୍ଜଳି ସାହୁ ଫୁଲଙ୍କୁ ଭେଟିଥିଲେ। ବୃଦ୍ଧାଙ୍କଠାରୁ ଅଧାର କାର୍ଡ ଏବଂ ଭୋଟର ଆଇଡି ସଂଗ୍ରହ କରିଥିଲେ। ତାଙ୍କୁ ବୃଦ୍ଧାଶ୍ରମକୁ ଯିବାକୁ କହିବାରୁ ଫୁଲ ସହମତି ପ୍ରକାଶ କରିଥିବା ତଦନ୍ତକାରୀ ଟିମ ସୂତ୍ରରୁ ପ୍ରକାଶ। ବୃଦ୍ଧାଶ୍ରମକୁ ଯିବା ଯାଏ ଫୁଲଙ୍କ ରହଣି ଓ ଖାଦ୍ୟପେୟ ବ୍ୟବସ୍ଥା ଦାୟିତ୍ୱ ନାଏବ ସରପଞ୍ଚଙ୍କୁ ଦିଆଯାଇଛି। ଅପରପକ୍ଷେ ବିଡିଓଙ୍କ ନିର୍ଦ୍ଦେଶରେ ଫୁଲଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରାଯାଇଥିବା ବ୍ଲକ ସହକାରୀ ଯୋଗାଣ ଅଧିକାରୀ ସୌମ୍ୟ ମହାନନ୍ଦ କହିଛନ୍ତି। ବିଡିଓ ରାମଚନ୍ଦ୍ର ଖାଡିଆ କହିଛନ୍ତି ଯେ, ଆବାସ ଯୋଜନା ତାଲିକାରେ ଫୁଲଙ୍କ ନା ନାହିଁ । ଏବେ ଘର ଆଲଟମେଣ୍ଟ ମଧ ନାହିଁ । ତେବେ ଆସନ୍ତା ମାସରୁ ତାଙ୍କୁ ୩୫ କେଜି ଚାଉଳ ଦିଆଯିବ ବୋଲି ସେ କହିଥିଲେ। ପ୍ରକାଶ ଯେ,ଯୋଗୀସର୍ଡା ପଞ୍ଚାୟତ ଅଧୀନ କେଉଁଟପାଲି ଗ୍ରାମର ଫୁଲ ମୁଦୁଲି ସ୍ୱାମୀ ଏବଂ ଦୁଇ ପୁଅଙ୍କ ମୃତ୍ୟୁ ପରେ ନିଃସଙ୍ଗ ଜୀବନ ବିତାଉଛନ୍ତି। ଘର ଭାଙ୍ଗି ଯାଇଥିବାରୁ ଏକ ପାଇଖାନାରେ ଗତ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ହେଲା ରହୁଥିଲେ।

**ଧରିତ୍ରୀ ପ୍ରଭାବ**

## ନିତ୍ୟାନନ୍ଦ ମିଶ୍ରଙ୍କ ବିୟୋଗରେ ଶୋକସଭା

ବଲାଙ୍ଗୀର ଅଫିସ,୨୩।୭

ବଲାଙ୍ଗୀରର ପୂର୍ବତନ ଏମ୍‌ପି ତଥା ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ଅଧକ୍ଷ ନିତ୍ୟାନନ୍ଦ ମିଶ୍ରଙ୍କ ବିୟୋଗରେ କୋଶଲ ରାଜ୍ୟ ସମନ୍ୱୟ ସମିତି ଏବଂ ଜିଲା କଂଗ୍ରେସ କମିଟି ପକ୍ଷରୁ ଶୋକସଭା ପାଳନ କରାଯାଇଛି। ଶୁକ୍ରବାର କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ସ୍ଥାନୀୟ କୋସଲ ଫାଉଣ୍ଡେସନ କାର୍ଯ୍ୟାଳୟରେ ସ୍ୱର୍ଗତ ମିଶ୍ରଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। କ୍ଷମତାର ଶୀର୍ଷରେ ଥାଇ ମଧ ପୂର୍ବତନ ଏମପି ମିଶ୍ର ଯେଭଳି ନିରଳସ ଓ ଆଦର୍ଶମୟ ଜୀବନଯାପନ କରିଥିଲେ ତାହା ଆଗାମୀ ପିଢ଼ି ପାଇଁ ଶିକ୍ଷଣୀୟ ହେବ ବୋଲି ଶୋକ ବକ୍ତବ୍ୟରେ ବକ୍ତାମାନେ ପ୍ରକାଶ କରିଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ସେ କୋସଲ ମୁକ୍ତି ଆନ୍ଦୋଳନକୁ ଉତ୍ସାହିତ କରିବା ସହ ସକ୍ରିୟ ସମର୍ଥନ ଦେଉଥିଲେ। ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର, ଉପାଧ୍ୟକ୍ଷ ମନୋରଞ୍ଜନ ସାହୁ, ବିକ୍ରମାନନ୍ଦ ବହିଦାର, ଅବଦୁଲ ଜମାଲ ଖାଁ, ଶରତ ହୋତା, ରଣାରାଜ ସିଂଦେଓ, ରବିଶଙ୍କର ମିଶ୍ର, ରିଲୁ ରଥ, ବିନୋଦ କାଲସାଏ, ବିଭୂତି ଶଙ୍କର ବିଷ୍ଣାଣୀ, ଜ୍ୟୋତି ରଞ୍ଜନ ମହାନ୍ତି ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ ବେହେରାଙ୍କ ସଭାପତିତ୍ୱରେ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ନିତ୍ୟାନନ୍ଦ ମିଶ୍ରଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଦୁଇ ମିନିଟ ନିରବ ପ୍ରାର୍ଥନା ପରେ ବକ୍ତାମାନେ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ । ସଭାରେ ଉପସଭାପତି ମନୀଷ ମିଶ୍ର, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଅଜୟ ବାଲି, ଅସିତ ମିଶ୍ର, ସାନନ୍ଦ ମିଶ୍ର, ପ୍ରେମ ମିଶ୍ର, ଅଙ୍କିତ ସାହୁ, କୈଳାସ ମିଶ୍ର, ପ୍ରତ୍ୟୁଷ ଖୁଆସ, ସୁଜିତ କୁମ୍ଭାର, ଅମିତ ନାଥ, ଲୁଲୁ ପଟ୍ଟନାୟକ, ପବିତ୍ର ନେପାକ, ଫେଜ୍ଜୁଲୁଦ୍ଦିନ ଖାନ, ହରି ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

## ବିସ୍ଥାପିତଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ଘରଡ଼ିହ ପଟ୍ଟା ବଣ୍ଟନ



କୋଇଣ୍ଡାପାଲିର ଜଣେ ବିସ୍ଥାପିତଙ୍କୁ ଜିଲାପାଳ ଚଞ୍ଚଳ ରାଣା ଘରଡ଼ିହ ପଟ୍ଟା ବଣ୍ଟନ କରୁଛନ୍ତି।

ବଲାଙ୍ଗୀର ଅଫିସ, ୨୩।୭

**ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ**

ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପ୍ରଭାବିତ ବିସ୍ଥାପିତଙ୍କୁ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ଘରଡିହ ପଟ୍ଟା ବଣ୍ଟନ କରାଯାଇଛି। ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରକଳ୍ପ ପ୍ରଭାବିତ କୋଇଣ୍ଡାପାଲି ଗାଁର ୩୪ଜଣ ବିସ୍ଥାପିତ ପରିବାରଙ୍କୁ ଘରଡିହ ପଟ୍ଟା ବଣ୍ଟନ କରାଯାଇଛି। ବଲାଙ୍ଗୀର ସହର ନିକଟ ଲର୍କିପାଲି ଓ ସଦାଇପାଲି ମୌଜାରେ ତିଆରି ହେବାକୁ ଥିବା ବିସ୍ଥାପିତ କଲୋନୀ ଅଞ୍ଚଳ ନିମନ୍ତେ ପଟ୍ଟା ବଣ୍ଟନ କରାଯାଇଥିଲା। ପ୍ରକଳ୍ପ ଥଇଥାନ ଓ ପୁନର୍ବାସ ପ୍ରକଳ୍ପ ନିର୍ଦ୍ଦେଶକ ମହେନ୍ଦ୍ର ମହାପାତ୍ରଙ୍କ ପରିଚାଳନାକ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣା ଯୋଗଦେଇ କୋଇଣ୍ଡାପାଲିର ବିସ୍ଥାପିତ ପରିବାରଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଲମ୍ବୋଦର ଧରୁଆ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୁମାର ନାଗଭୂଷଣ, ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ନିର୍ବିଘ୍ନ ଭୋଇ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ଜୁଲାଇ ୫ ତାରିଖରେ ଲର୍କିପାଲି ବିସ୍ଥାପନ କଲୋନୀଠାରେ ପରଧିଆପାଲିର ୪୭ ବିସ୍ଥାପିତ ପରିବାରକୁ ଘରଡିହ ପଟ୍ଟା ବଣ୍ଟନ କରାଯାଇଥିଲା।

## ପ୍ରଥମ ପର୍ଯ୍ୟାୟରେ ୩୩ ହଜାର କୁଇଣ୍ଟାଲ କେନ୍ଦୁପତ୍ର ବିକ୍ରି

କେସିଙ୍ଗା, ୨୩।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ କେନ୍ଦ୍ରୀୟ କେନ୍ଦୁପତ୍ର ଗୋଦାମ ପକ୍ଷରୁ ଚଳିତ ୨୦୨୧ ଆର୍ଥିକ ବର୍ଷରେ ପ୍ରଥମ ପ୍ରଥମ ପର୍ଯ୍ୟାୟରେ ୩୩ ହଜାର କୁଇଣ୍ଟାଲ କେନ୍ଦୁପତ୍ର ବିକ୍ରି କରି ଜିଲାରେ ନୂତନ ରେକର୍ଡ ସୃଷ୍ଟି କରିଥିବା ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

ଚଳିତ ୨୦୨୧ ଆର୍ଥିକ ବର୍ଷରେ ଏହି ଗୋଦାମ ଅଧୀନରେ ୬୦ଟି କେନ୍ଦୁପତ୍ର ଫଡ଼ି ରହିଛି। ଏହି ସବୁ ଫଡିରେ ୬ ହଜାର ୮୨୨ଜଣ ତୋଳାଳିମାନେ ୯୩ ଲକ୍ଷ ୮୪ ହଜାର ୫୯୦ କେନ୍ଦୁପତ୍ର କେରି ଉକ୍ତ ଗୋଦାମକୁ ବିକ୍ରି କରିଥିଲେ। ତହିଁର ମୂଲ୍ୟ ବାବଦକୁ ୬ ହଜାର ୮୨୨ଜଣ ତୋଳାଳିଙ୍କୁ ୧ କୋଟି ୧୧ ଲକ୍ଷ ୪୧ ହଜାର ୫୦୮ ଟଙ୍କା ଉକ୍ତ ଗୋଦାମ ପକ୍ଷରୁ ପ୍ରଦାନ କରାଯାଇଛି। ଗତ ୨୦୨୦ ଆର୍ଥିକ ବର୍ଷରେ ତୋଳାଳିଙ୍କୁ ୫୦% ବୋନ୍‌ସ ବାବଦକୁ ୮୪ ଲକ୍ଷ ୨୫ ହଜାର ୬୦୬ ଟଙ୍କା ପ୍ରଦାନ କରାଯାଇଛି। ଏଥି ସହିତ ଋତୁକାଳୀନ କର୍ମଚାରୀ ଓ ପତ୍ର ବନ୍ଧେଇ କୁଲିମାନଙ୍କୁ ୧୦% ପ୍ରତିଶତ ବୋନ୍‌ସ ପ୍ରଦାନ କରାଯାଇଛି। ଚଳିତ ୨୦୨୧ ଆର୍ଥିକ ବର୍ଷରେ କେସିଙ୍ଗା କେନ୍ଦ୍ରୀୟ କେନ୍ଦୁପତ୍ର ଗୋଦାମରୁ ଦ୍ୱିତୀୟ ପର୍ଯ୍ୟାୟରେ ୧୮୫୦ କୁଇଣ୍ଟାଲରୁ ୪୦୦ କୁଇଣ୍ଟାଲ କେନ୍ଦୁପତ୍ର



ଫଡି ଘରେ ତୋଳାଳିମାନେ କେନ୍ଦୁପତ୍ର ବନ୍ଧାଉଛନ୍ତି।

ବିଡ଼ା ବିକ୍ରି ହୋଇଗଲାଣି। ୨୦୨୦ ଆର୍ଥିକ ବର୍ଷରେ ୭ ହଜାର ୨ ଜଣ ତୋଳାଳିଙ୍କୁ ଚପଲ ବାବଦକୁ ୮ଲକ୍ଷ ୪୦ ହଜାର ୨୪୦ ଟଙ୍କା ପ୍ରଦାନ କରାଯାଇଛି। ଏ ବିଷୟରେ କେସିଙ୍ଗା କେନ୍ଦ୍ରୀୟ କେନ୍ଦୁପତ୍ର ଗୋଦାମ ରେଞ୍ଜର ଦୈତାରି ନାଏକଙ୍କୁ ପଚାରିବାରୁ ପତ୍ରତୋଳାଳି ଓ ସମସ୍ତ କର୍ମଚାରୀଙ୍କ ସହଭାଗିତାରେ କେସିଙ୍ଗା ରେଞ୍ଜ ଜିଲାରେ ସଫଳ ଅର୍ଜନ କରିଛି ବୋଲି ପ୍ରକାଶ କରିଥିଲେ।

## ଘରୋଇ ସ୍କୁଲ ଫି' ବୃଦ୍ଧି ବିରୋଧରେ ଦାବିପତ୍ର

ଭବାନୀପାଟଣା, ୨୩।୭ (ଡି.ଏନ.ଏ.)

ଓଡ଼ିଶା ଅଭିଭାବକ ମହାସଂଘ କଳାହାଣ୍ଡି ଶାଖା ପକ୍ଷରୁ କୋଭିଡ୍ ସମୟରେ ଘରୋଇ ବିଦ୍ୟାଳୟ ଫି' ବୃଦ୍ଧି କରୁଥିବା ପ୍ରତିବାଦରେ ଡିଇଓ ସୁଶାନ୍ତ ଚୋପଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଟିଉସନ ଫି ଓ ଅନ୍ୟାନ୍ୟ ଆନୁଷ୍ଠାନିକ ଫି ୨୦୧୯-୨୦ ପାଇଁ ଛାଡ କରିବା ଓ ୨୦୨୦-୨୧ରେ ପରବର୍ତ୍ତୀ ଫି' ବୃଦ୍ଧି ନ କରିବା ପାଇଁ ସଂଘ ହାଇକୋର୍ଟରେ ଆଶ୍ରୟ ନେଇଥିଲେ। ୧୫ ପ୍ରତିଶତ ଟିଉସନ୍ ଫି' ଛାଡ ପାଇଁ ହାଇକୋର୍ଟ କହିଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି। ଏହା ବିରୋଧରେ ଜିଲା ଆବାହକ ନିହାର ରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ କଳାହାଣ୍ଡି ସଂଘ ପକ୍ଷରୁ ବଟକୃଷ୍ଣ ଆଚାରୀ, ଜିତୁ ପ୍ରସାଦ ନାଏକ, ହେମନ୍ତ ଛତ୍ରିଆ ପ୍ରମୁଖ ଡିଇଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ସାରର ଅଭାବ ପ୍ରତିବାଦରେ ଚାଷୀଙ୍କ ଧାରଣା

ଖପ୍ରାଖୋଲ, ୨୩।୭(ଡି.ଏନ.ଏ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡିଆପାଲି ପଞ୍ଚାୟତ ମାଁ ମାଉଳୀ କୃଷକ ସଂଘ ତରଫରୁ ସାରର ଅଭାବ ପ୍ରତିବାଦରେ ଶୁକ୍ରବାର ଧାରଣା ଦେଇଥିଲେ। ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ୟୁରିଆ ସାର ୨୬୭ ଟଙ୍କା ବଦଳରେ କଳାବଜାରରେ ୪ଶହରୁ ୫ ଶହ ଟଙ୍କାରେ ବିକ୍ରୟ ହେଉଛି। ପ୍ରଶାସନ ଏହାର ସମାଧାନ ପାଇଁ ଦୃଷ୍ଟି ଦେଉ ନ ଥିବାରୁ ଚାଷୀ ଶୋଷଣର ଶିକାର ହେଉଛନ୍ତି। ହୋଲସେଲର, ସବହୋଲସେଲର ଥିଲେ ମଧ୍ୟ ଉଚିତ ଦରରେ ଚାଷୀଙ୍କୁ ସାର ମିଳୁ ନ ଥିବା ସେମାନେ ଅଭିଯୋଗ କରିଥିଲେ । କଳା ବେପାରୀଙ୍କ ଉପରେ ଅଙ୍କୁଶ ସହ ଚାଷୀଙ୍କୁ ସାର ଯୋଗାଇବା ଦାବିରେ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ସହକାରୀ କୃଷି ଅଧିକାରୀଙ୍କ ଅନୁପସ୍ଥିତିରେ ତହସିଲଦାର ଧିରୋଜ କୁମାର ପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ମାଉଳୀ କୃଷକ ସଂଘ ସଭାପତି ଇନ୍ଦ୍ରମଣି ସାହୁ, ସମ୍ପାଦକ ଚୂଳସିନ୍ଧୁ ନିଆଲ, ହେମସାଗର ସାହୁ, କୁନୁ ବରିହା ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।



କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଧାରଣା ଦେଇଛନ୍ତି।

## ଶିକ୍ଷକମାନେ ଶିକ୍ଷାଦାନ ଉପରେ ଧ୍ୟାନ ଦିଅନ୍ତୁ

ବଲାଙ୍ଗୀର ଅଫିସ, ୨୩।୭

**ପୃଥ୍ୱୀରାଜ ହାଇସ୍କୁଲରେ ମୋ ସ୍କୁଲ ଅଭିଯାନ ବୈଠକ**

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ପରିସରରେ ଶୁକ୍ରବାର ମୋ ସ୍କୁଲ ଅଭିଯାନର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍କୁଲ ପୃଷ୍ଠପୋଷକ ତଥା ପୁରାତନ ଛାତ୍ର ବିଧାୟକ ନରସିଂହ ମିଶ୍ର, ଶିକ୍ଷାବିତ୍ ପ୍ରଫେସର ମଧୁସୂଦନ ପତି ଏବଂ ସଦର ବ୍ଲକ ଶିକ୍ଷାଧିକାରୀ ରାଘବ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷକ ସନ୍ତୋଷିନୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୋ ସ୍କୁଲ ଅଭିଯାନର ଆଭିମୁଖ୍ୟ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ସୂଚନା ଦିଆଯାଇଥିଲା। ପୁରାତନ ଛାତ୍ର ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ଶିକ୍ଷକମାନେ କେବଳ ଶିକ୍ଷାଦାନ ଉପରେ ମନୋନିବେଶ କରିବା ଉପରେ ଧ୍ୟାନ ଦେବାକୁ କହିଥିଲେ । ସ୍କୁଲରେ ଏକ




ପୃଥ୍ୱୀରାଜ ହାଇସ୍କୁଲରେ ମୋ ସ୍କୁଲ ଅଭିଯାନ ବୈଠକରେ ପୁରାତନ ଛାତ୍ର ଓ ଅତିଥି ମଞ୍ଚାସୀନ।

ଉତ୍ତମ ଶିକ୍ଷଣୀୟ ପରିବେଶ ସୃଷ୍ଟି କରିବା ପାଇଁ ଏକ କମିଟି ତିଆରି କରାଯାଉ ଏବଂ ସେ କମିଟି କେବଳ ଛାତ୍ର-ଶିକ୍ଷକ ଓ ଅଭିଭାବକଙ୍କ ମଧରେ ସମନ୍ୱୟ ରକ୍ଷା କରି ସ୍କୁଲରେ ଶିକ୍ଷାର ମାନ କିପରି ବଢିବ ସେ ଉପରେ କାମ କରୁ ବୋଲି ମତ ଦେଇଥିଲେ। ପୃଷ୍ଠପୋଷକ ତଥା ଛାତ୍ର ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ଏହି ହାଇସ୍କୁଲକୁ ଆଉ ଏକ ଆଦର୍ଶ ବିଦ୍ୟାଳୟରେ ପରିଣତ କରିବା ପାଇଁ ଯାହାକିଛି ଆବଶ୍ୟକ ସେସବୁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସ୍କୁଲ ପାଇଁ ଆବଶ୍ୟକ ହେଉଥିବା ଡିଜିଟାଲ ଇଣ୍ଟରେକ୍ଟିଭ୍ ଷ୍ଟଡି ବୋର୍ଡ ଏବଂ ଆନୁସାଙ୍ଗିକ ଜିନିଷ ତାଙ୍କ ବିଧାୟକ ପାଣ୍ଠି ଅନୁଦାନରୁ ଯୋଗାଇ ଦେବେ ବୋଲି ବିଧାୟକ ମିଶ୍ର ଘୋଷଣା କରିଥିଲେ। ସ୍କୁଲ ସୌନ୍ଦର୍ଯ୍ୟକରଣ, ବଗିଚା ରକ୍ଷଣବେକ୍ଷଣ ପାଇଁ ଆବଶ୍ୟକ ମାଳି ପାଇଁ ପ୍ରତ୍ୟେକ ମାସ ତିନି ହଜାର ଟଙ୍କା ଏବଂ ଆହୁରି ୫୦ ହଜାର ଟଙ୍କା ସ୍କୁଲ ପାଣ୍ଠିକୁ ବ୍ୟକ୍ତିଗତ ଭାବେ ପ୍ରଦାନ କରିବାକୁ ଘୋଷଣା କରିଥିଲେ। ପୁରାତନ ଛାତ୍ର ବୀରେନ୍ଦ୍ର ବନଛୋର, ଅସିତ ମିଶ୍ର ଓ ସୁରୁଲାଲ ମଟାରୀ ସ୍କୁଲର ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ବୈଠକରେ ଶିକ୍ଷକ ରାମଗୋପାଳ ଖମାରୀ ଶର୍ମା ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ ବିକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଘୋଷିତ ବିଦ୍ୟୁତ୍ କାଟ୍, ଉପଭୋକ୍ତା ହଟହଟା

ବିନିକା,(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ଉପଭୋକ୍ତାଙ୍କୁ ଅତିଷ୍ଠ କରୁଛି। ସାମାନ୍ୟ ବର୍ଷା କିମ୍ବା ପବନ ହେଲେ ଘଣ୍ଟାଘଣ୍ଟା ଧରି ସରବରାହ ବନ୍ଦ କରି ଦିଆଯାଉଛି। ଗତ ଦୁଇ ସପ୍ତାହ ହେଲା ଏହିପରି ସମସ୍ୟା ସଁଘିଯୁବା, ବାବୁପାଲି, ବାଙ୍କିଘିର୍ଡି, ସିନ୍ଦୁରପୁର, ଭଣ୍ଡାର ଆଦି ପଞ୍ଚାୟତରେ ଲାଗି ରହିଛି। ସ୍ଥାନୀୟ ଅଞ୍ଚଳର ଲାଇନମ୍ୟାନଙ୍କୁ ଉପଭୋକ୍ତା ଫୋନ କଲେ ସେମାନେ ଫୋନ ଉଠାଉ ନ ଥିବା ଅଭିଯୋଗ ହେଉଛି। ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ବିହିତ ପଦକ୍ଷେପ ନେବା ପାଇଁ ଉପଭୋକ୍ତା ମହଲରେ ଦାବି ହେଉଛି।

## ସଂକ୍ଷେପରେ

### କୋସଲ ସ୍ୱାଭିମାନ ପଦଯାତ୍ରା ଆରମ୍ଭ

**ଭବାନୀପାଟଣା,୨୩।୭ (ଡି.ଏନ.ଏ.):** ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କୋଶଲାଞ୍ଚଳକୁ ଅବହେଳା କରାଯାଉଛି। ଏହାର ପ୍ରତିବାଦରେ କୋଶଲ ସ୍ୱାଭିମାନ ଯାତ୍ରା ଆରମ୍ଭ ହୋଇଛି। ଶୁକ୍ରବାର କଳାହାଣ୍ଡି ମା' ମାଣିକେଶ୍ୱରୀ ପୀଠରୁ ଆରମ୍ଭ ହୋଇଛି ସ୍ୱାଭିମାନ ଯାତ୍ରା। କୋସଲ ଯୁବ ସମନ୍ୱୟ ସମିତିର ୨୦ଜଣ ସଦସ୍ୟ ସାମିଲ ହୋଇଥିଲେ। ଏଥିରେ ଅଚ୍ୟୁତ ଖମାରୀ, ଗିରିରାଜ ଭୋଇ, ରଞ୍ଜନ ଖୁଆସ, ବନମାଳୀ ନାଏକ, ଯୁଗଳ କିଶୋର ମେହେର, ଧର୍ମରାଜ ବରିହା, ବିଶ୍ୱଜିତ ପଧାନ, ଶୁଭମ ପଧାନ, ଯତୀନ ମୁଣ୍ଡ, ସୁଶୀଲ ପଣ୍ଡାଙ୍କ ସହିତ ରାଜ୍ୟ ଜୁବ କଂଗ୍ରେସ ସମ୍ପାଦକ ମହମ୍ମଦ ସାହେବ, ଛାତ୍ର କଂଗ୍ରେସ ସଭାପତି ଶୁସାନ୍ତ ପ୍ରଧାନୀ, ଜିଲା ଯୁବ କଂଗ୍ରେସ ଉପସଭାପତି ପିଣ୍ଟୁ ଅଗ୍ରୱାଲ, ବିଜୟ ଦୀପ ସାମିଲ ହୋଇଥିଲେ।

### ପଞ୍ଚାୟତ ନିର୍ବାଚନ ପାଇଁ ଭାଜପାର ପ୍ରସ୍ତୁତି

**ସଇଁତଳା,୨୩।୭ (ଡି.ଏନ.ଏ.):** ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ସଇଁତଳା ବ୍ଲକ ଭାଜପା। ଶୁକ୍ରବାର ଘୁନସର ଶିବମନ୍ଦିର ନିକଟରେ ବେଲଗାଁ ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ କୈଳାସ କୁମାର ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳର ବିଜୟ ସମ୍ଭାବନାକୁ ନିଶ୍ଚିତ କରିବା ପାଇଁ ଦଳୀୟ କର୍ମୀ ଓ ନେତା ଉଦ୍ୟମ ଜାରୀ ରଖିବା ସହ କେନ୍ଦ୍ର ସରକାରଙ୍କ ଜନାଭିମୁଖୀ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଜିଲା ପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ, ମଣ୍ଡଳ ସମ୍ପାଦକ ଦୁର୍ଯ୍ୟୋଧନ ସାହୁ, ପ୍ରକାଶ ଗହୀର, ନରେନ୍ଦ୍ର ସାହୁ, ଚୂଳଚନ୍ଦ୍ର ଥପା, ମନୋଜ ନାୟକଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ।

### ହନୁମାନ ମନ୍ଦିର ପାଇଁ ଭୂମି ପୂଜା

**ଭବାନୀପାଟଣା,୨୩।୭ (ଡି.ଏନ.ଏ.):** ସ୍ଥାନୀୟ ଅର୍କାବାହାଲି ପଡାଛକରେ ଦକ୍ଷିଣମୁଖୀ ହନୁମାନ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟା. ଦିବ୍ୟଶଙ୍କର ମିଶ୍ର ଓ ସାମାଜିକ କର୍ମୀ ପ୍ରମୋଦ ଖମାରୀଙ୍କ ଦ୍ୱାରା ଭୂମି ପୂଜନ ହୋଇଯାଇଛି। କର୍ତ୍ତା ଭାବେ ଦେବୀ ପ୍ରସାଦ ସିନ୍ଦୁର କାର୍ଯ୍ୟ ତୁଲାଇଥିଲେ। କାର୍ଯ୍ୟକ୍ରମରେ ପରମାନନ୍ଦ ମାଝି, ଅସେଶ୍ୱର ବାଗ, ଗୌରାଙ୍ଗ ରାଉତ, କେଦାର ରଣା, ସତ୍ୟ ନାରାୟଣ ନାଏକ ଓ କୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ।

### ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କ ପରଲୋକ

**ବଲାଙ୍ଗୀର ଅଫିସ,୨୩।୭:** ବଲାଙ୍ଗୀର ଟିକ୍ରାପଡା ନିବାସୀ ତଥା ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଅନନ୍ତ କୁମାର ସାହୁ (୭୧)ଙ୍କ ଗୁରୁବାର ରାତିରେ ପରଲୋକ ଘଟିଛି। ଦୀର୍ଘଦିନ ହେଲା ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଭୁବନେଶ୍ୱରରୁ ବଲାଙ୍ଗୀର ଫେରୁଥିବାବେଳେ ରାସ୍ତାରେ ତାଙ୍କ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳେ ସହଧର୍ମିଣୀ ଜ୍ୟୋସ୍ନାମୟୀ, ଝିଅ ମଧୁଛନ୍ଦା, ସୁନନ୍ଦା, ସୁନିତା ଓ ସୁପ୍ରିୟା ସହ ଜ୍ୱାଇଁ ଭକ୍ତଚରଣ ସାହୁ, ବିଶ୍ୱ ପ୍ରକାଶ ସାହୁ ଓ ରୋହିତ ସାହୁ ଉପସ୍ଥିତ ଥିଲେ । ସ୍ଥାନୀୟ ବିଭୁତିପଡା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତୁରା ଚିନ୍ମୟ ସାହୁ ମୁଖାଗ୍ନି ଦେଇଥିଲେ ।



### ବିନା ଭକ୍ତ ସମାଗମରେ ସରିଲା ବୁଢ଼ିଆଇ ଯାତ୍ରା

**ଦେଓଗାଁ,୨୩।୭(ଡି.ଏନ.ଏ):** ଦେଓଗାଁ ବ୍ଲକ ଜରାସିଂହାରେ ଶୁକ୍ରବାର କରୋନା କଟକଣା ଯୋଗୁଁ ବିନା ଭକ୍ତ ସମାଗମରେ ବୁଢିଆଇଙ୍କ କାଦୋଯାତ୍ରା ସମ୍ପନ୍ନ ହୋଇଛି। ପରମ୍ପରା ଓ ରୀତିନୀତି ଅନୁସାରେ ମୁଖ୍ୟ ଦେହୁରୀଙ୍କ ସମେତ ହାତଗଣତି ଦେହୁଲିଆ, ମଶାଲିଆ, ଛତରଧାରୀ ଓ ସ୍ଥାନୀୟ ଜମିଦାରଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇଥିଲା । ସ୍ଥାନୀୟ ବ୍ରଜେନ୍ଦ୍ର ନାରାୟଣ ଆଥେଲେଟିକ ଆସୋସିଏସନ ଓ ଗ୍ରାମବାସୀଙ୍କ ପରିଚାଳନାରେ ଗୁରୁବାର ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ତିଥିରେ ପରମ୍ପରା ଅନୁସାରେ ଗୋରସ ରୁକା ପର୍ବ ଅନୁଷ୍ଠିତ ହୋଇଥିଲା । ଏହା ପରଦିନ ଅର୍ଥାତ ଶୁକ୍ରବାର ସନ୍ଧ୍ୟାରେ ସେରନୀବଟା, ଲିଙ୍ଗାବରଣ ତଥା ବୁଢ଼ିଆଇଙ୍କଯାତ୍ରା ଅନୁଷ୍ଠିତ ହୋଇଥିଲା ।



ଘରେ ପାଣି ପଶିବାରୁ ବୌଦ୍ଧ ସହରରେ ଲୋକେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।


ବୌଦ୍ଧ ବ୍ଲକ ମନୁପାଲି ପଞ୍ଚାୟତ ଜମଟାଙ୍ଗୀରୁ ଡିଗିକୁ ଯିବା ରାସ୍ତା ଉପରେ ପାଣି।


ବୀରମହାରାଜପୁର-ଅମରପାଲି ରାସ୍ତାର ଘୁଙ୍ଗୀଯୋର ପୋଲ ଉପରେ ୩ଫୁଟ ପାଣି ପ୍ରବାହିତ ହେଉଛି।


ନିଆଁଖାଇ ନାଳ ବ୍ରିଜ ଉପରେ ବର୍ଷାପାଣି ପ୍ରବାହିତ ହେଉଛି।


ବୌଦ୍ଧ ବ୍ଲକ ଅନ୍ତର୍ଗତ ଜାମ୍ବୁପୋଲ ଉପରେ ବର୍ଷାପାଣି ପ୍ରବାହିତ ହେଉଛି।

# ବୀରମହାରାଜପୁରରେ ରାଜ୍ୟର ସର୍ବାଧିକ ବର୍ଷା

### ଘୁଙ୍ଗି ଯୋର ପୋଲ ଉପରେ ୩ଫୁଟର ପାଣି

**ଅମରପାଲି,୨୩।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଶୁକ୍ରବାର ପ୍ରବଳ ବର୍ଷା ହୋଇଛି। ଗତରାତିରୁ ଆରମ୍ଭ ହୋଇଥିବା ବର୍ଷାର ମାତ୍ରା ଦିନବେଳା ବଢିଥିଲା। ବୀରମହାରାଜପୁରରେ ୨୦୨ମି.ମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହା ରାଜ୍ୟର ସର୍ବାଧିକ ବୋଲି ପାଣିପାଗ ବିଭାଗ ପକ୍ଷରୁ ଟୁଇଟ ମାଧ୍ୟମରେ ସୂଚନା ଦିଆଯାଇଛି। ଚଳିତ ବର୍ଷ ଆବଶ୍ୟକଠାରୁ କମ ବର୍ଷା ଯୋଗୁଁ ଗଜାମରୁଡି ଆଶଙ୍କା ଦେଖାଦେଇଥିଲା। ଏବେ ବର୍ଷା ଯୋଗୁଁ ଗଜା ମରୁଡି ଆଶଙ୍କା ଟଳିଛି। ଏହା ସହ ରୁଆ ବିହୁଡା କାମ ଆରମ୍ଭ କରିଛି ଚାଷୀ। ପ୍ରବଳ ବର୍ଷାରେ ଚାରିଆଡେ ଜଳାବର୍ଣ୍ଣ ହୋଇଛି। ବୀରମହାରାଜପୁର-ଅମରପାଲି ରାସ୍ତାର ଭୁତିଆପାଲି ନିକଟ ଘୁଙ୍ଗି ଯୋର ପୋଲ ଉପରେ ପ୍ରାୟ ୩ଫୁଟର ପାଣି ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ପ୍ରବାହିତ ହେଉଥିଲା। ଫଳରେ ମୁର୍ଷୁଣ୍ଡୀ-ସମ୍ବଲପୁର, ବୀରମହାରାଜପୁର-ଅମରପାଲି ଦେଇ ରେଢାଖୋଲ ଓ ଜୁଜୁମୁରାକୁ ଯାତାୟତ ବନ୍ଦ ରହିଥିଲା।

### ଜାମପାଲି-ପଧାନଟିକ୍ରା ଯୋଗାଯୋଗ ବିଚ୍ଛିନ୍ନ

**ବିନିକା,(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଞ୍ଚଳରେ ଗତ ତିନିଦିନ ହେଲା ଲଗାଣ ବର୍ଷା ଜାରୀ ରହିଛି। ଏହାର ପ୍ରଭାବରେ ଅଧିକାଂଶ ନାଳ, ଜୋରରେ ପାଣି ଆସି ଫୁଲି ଉଠିଛି। ଜାମପାଲି-ପଧାନଟିକ୍ରା ରାସ୍ତାରେ ଥିବା ନିଆଁଖାଇ ନାଳର ପୋଲ ଉପରେ ୬ଫୁଟର ପାଣି ପ୍ରବାହିତ ହେଉଛି। ଏଥିଯୋଗୁ ସମ୍ପୃକ୍ତ ପଥରେ ଯାତାୟାତ ବ୍ୟାହତ ହୋଇଛି। ଅପରପକ୍ଷରେ ଲଗାଣ ବର୍ଷା ଯୋଗୁଁ ଚାଷକାମ ଜୋର ଧରିଛି। ଲଗାଣ ବର୍ଷା ଯୋଗୁ ଗତକିଛି ଦିନ ଧରି ଲାଗି ରହିଥିବା ତାପମାତ୍ରା ହ୍ରାସ ପାଇଛି।

### କମିରା ୬ ଘଣ୍ଟା ବାହ୍ୟଜଗତରୁ ବିଚ୍ଛିନ୍ନ

**ବାଉଁଶୁଣୀ,(ଡି.ଏନ୍.ଏ.):** ଲଘୁଚାପ ଜନିତ ବର୍ଷା ଯୋଗୁ ବୌଦ୍ଧ ବ୍ଲକ ଅନ୍ତର୍ଗତ ଜାତୀୟ ରାଜପଥ ଜହ୍ନାପଙ୍କଠାରୁ କମିରା ରାସ୍ତାର ଦାମୋଦରପୁର ନିକଟସ୍ଥ ଜାମ୍ବୁପୋଲ ଉପରେ ପ୍ରାୟ ୨ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଥିଲା। ଫଳରେ କମିରା ଗ୍ରାମବାସୀ ୬ଘଣ୍ଟାରୁ ଉର୍ଦ୍ଧ୍ୱ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିଲେ। ସୂଚନାଯୋଗ୍ୟ ଯେ ଦୀର୍ଘ ଦିନ ଅଞ୍ଚଳବାସୀଙ୍କ ଦାବି ପରେ ୨୦୧୮ ମସିହାରେ ଏହି ରାସ୍ତାର ଉନ୍ନତିକରଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଫଳରେ ଅଞ୍ଚଳବାସୀଙ୍କ ଆଶା ପୂରଣ ହେବାକୁ ଯାଉଥିବା ବେଳେ ଏହି ପୋଲ ନିର୍ମାଣ ପାଇଁ ତିନି ଥର ଟେଣ୍ଡର ବାତିଲ ହୋଇଥିବା ଜଣାଯାଇଛି। ଯଦ୍ୱାରା ଗ୍ରାମବାସୀ ସାମାନ୍ୟ ବର୍ଷା ଯୋଗୁ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏପରିକି ଜରୁରୀ କାଳୀନ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ଏହି ପୋଲକୁ ଉଚ୍ଚ ପୋଲ କରିବାକୁ ନବୀନ କୁମାର ପ୍ରଧାନ, ଅଶ୍ୱିନୀ ଦାସ, ସନ୍ତୋଷ ଦାସ, ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ସମିତି ସଭ୍ୟ ସଞ୍ଜୟ ପ୍ରଧାନ, ସୁଶାନ୍ତ ବାଘ, ସୁକଦେ ପ୍ରଧାନ, ବାଞ୍ଛାନିଧି ହୋତା, ଅରୂପ ଦାସ,ଆଦିତ୍ୟ ଦାସ ପ୍ରମୁଖ ଦାବି କରିଛନ୍ତି। ସେହିପରି ଡିଗି, ଗୁନ୍ଦୁଳିଆ, ମଲିକପଡା, ମୁଣ୍ଡା ପଠା, କମିରା, ଜମଟାଙ୍ଗି, ଜମଘାଟି ପ୍ରଭୃତି ଗ୍ରାମରେ ରାସ୍ତା ବିଚ୍ଛିନ୍ନ ହେବା ସହ ଅନେକ ଘର ଭାଙ୍ଗି ଯାଇଥିବା ନଜିର ହୋଇଛି।

### ଲଗାଣ ବର୍ଷାରେ ଭାଙ୍ଗିଲା ଘର
## ପାଞ୍ଚପ୍ରାଣୀ କୁଟୁମ୍ବ ବେସାହାରା

**ବାଉଁଶୁଣୀ, ୨୩।୭(ଡି ଏନ.ଏ.)**

ଗୁରୁବାର ରାତିର ଲଗାଣ ବର୍ଷା ଯୋଗୁ ବୌଦ୍ଧ ଜିଲା ବାଉଁଶୁଣୀ ପଞ୍ଚାୟତ ଅନ୍ତର୍ଗତ ଜମଘାଟି ଗ୍ରାମର ହୃଷି ଗାଇଗୋରିଆଙ୍କ ଘର ଭାଙ୍ଗି ଯାଇଛି। ଏବେ ରହିବା ପାଇଁ ମଧ୍ୟ ଆଦୌ ଜାଗା ନାହିଁ। ହୃଷି ଗାଇଗୋରିଆଙ୍କ ପରିବାର କହିଲେ ସ୍ତ୍ରୀ, ଜଣେ ଝିଅ(୯), ଦୁଇ ପୁଅ ଜଣେ ୫ବର୍ଷ ଓ ଅନ୍ୟ ଜଣେ ୨୦ ଦିନର। ମୋଟ ପାଞ୍ଚପ୍ରାଣୀ କୁଟୁମ୍ବ। ସେ ଜଣେ ଦିନମଜୁରିଆ। ତାଙ୍କର ଜମିବାଡ଼ି ନ ଥିବାରୁ ମଜୁରି ଲାଗି ପରିବାର ପ୍ରତିପୋଷଣ କରନ୍ତି। ଏବେ ଲଗାଣ ବର୍ଷାରେ ତାଙ୍କ ଘର ଭାଙ୍ଗିଯାଇଛି। ରହିବା ପାଇଁ ଜାଗା ନ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଖରେ ଅର୍ଥାଭାବ ଥିବାରୁ ଘର ଖଣ୍ଡିଏ ତିଆରି କରିପାରୁନାହାନ୍ତି କି ଆବାସ ଯୋଜନା ପାଇଁ ମଧ୍ୟ ଯେତେ ଆବେଦନ କଲେ ମିଳୁନାହିଁ। ଏବେ ଘର ଭାଙ୍ଗି ଯାଇଥିବାରୁ ପ୍ରଶାସନିକ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ ତାଙ୍କର ରହିବା ବ୍ୟବସ୍ଥା କରିବାକୁ ଦାବି ହେଉଛି।


ଭାଙ୍ଗି ଯାଇଥିବା ଘର ନିକଟରେ ପରିବାରର ସଦସ୍ୟ।

### ଜାମୁନାଳ, ମୋହାଣ ନାଳ ପୋଲ ଉପରେ ବର୍ଷାଜଳ

**ବୌଦ୍ଧ,(ସ୍ୱ.ପ୍ର.):** ବୌଦ୍ଧ ଜିଲାରେ ଗୁରୁବାର ମଧ୍ୟରାତ୍ରିରେ ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ଗ୍ରାମାଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ବୌଦ୍ଧ ଜିଲା ସଦର ବ୍ଲକର କମିରା ଗ୍ରାମର ଜାମୁନାଳ ପୋଲ ଉପରେ ୪ ଫୁଟ ବର୍ଷାଜଳ ପ୍ରବାହିତ ହେବା ଫଳରେ ୪ଟି ପଞ୍ଚାୟତ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଅନ୍ୟପକ୍ଷରେ ଜମଟାଙ୍ଗି ଓ ଡିଗି ଗ୍ରାମକୁ ସଂଯୋଗ କରୁଥିବା ମୋହାଣ ନାଳ ପୋଲ ଉପରେ ୩ଫୁଟ ବର୍ଷାଜଳ ପ୍ରବାହିତ ହୋଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ମନୁପାଲି ଗ୍ରାମର ଆଦିବାସୀ ସାହିରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଘରମାନଙ୍କୁ ପ୍ରବେଶ କରିଥିବା ସୂଚନା ମିଳିଛି। ସରସରା ଗ୍ରାମରେ ବର୍ଷା ଜଳ ସାଙ୍ଗକୁ କେନାଲ ପାଣି ମିଶିଯିବା ଫଳରେ ବେହାଲ ଅବସ୍ଥା ସୃଷ୍ଟି ହୋଇଥିଲା । ଗ୍ରାମର ବାବା ବୈଦ୍ୟନାଥ ମନ୍ଦିର ପାଚେରି ମଧ୍ୟ ଭୁଶୁଡି ପଡିଯାଇଛି। ଜିଲାର ଅନେକ ଅଞ୍ଚଳରେ କଚାଘର ସବୁ ଭାଙ୍ଗି ଯାଇଥିବାରୁ ଶୀଘ୍ର କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିପୂରଣ ଯୋଗାଇଦେବାକୁ ଦାବି ହେଉଛି ।

### ସହରରେ ଘରେ ପଶିଲା ବର୍ଷା ପାଣି

**ବୌଦ୍ଧ,(ସ୍ୱ.ପ୍ର.):** ବୌଦ୍ଧ ଜିଲାରେ ଗୁରୁବାର ମଧ୍ୟରାତ୍ରିରେ ପ୍ରବଳ ବର୍ଷା ଯୋଗୁ ସହର ସ୍ଥିତି ବେହାଲ ହୋଇପଡିଛି। ବୌଦ୍ଧ ସହରରେ ବର୍ଷା ଜଳ ଡ୍ରେନ ଦ୍ୱାରା ନିଷ୍କାସନ ହୋଇ ନ ପାରିବାରୁ ଜମାହୋଇ ଲୋକଙ୍କ ଘର ମଧ୍ୟକୁ ପ୍ରବେଶ କରିଛି। ଆହୁରୀ ମଧ୍ୟ ସହରର ଜମିଗୁଡିକରେ ପାଣି ପୁରି ରହିବା ସହ ବନ୍ୟାଭଳି ପରିସ୍ଥିତି ଦେଖାଦେଇଛି। ପ୍ରବଳ ବର୍ଷାରେ କେତେକ କଚାଘର ଭାଙ୍ଗିଯାଇଛି। ସହରର ଅନେକ ସ୍ଥାନରେ ରହିଥିବା ଡ୍ରେନ ଓ ଜଳ ନିଷ୍କାସନ ପଥ ଉପରେ ଲୋକେ ଘର କରି ଅବରୋଧ କରିଥିବାରୁ ଜଳ ନିଷ୍କାସନ ହୋଇପାରିନାହିଁ। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଘରେ ପାଣି ପଶି ଜମି ରହିବାରୁ ଲୋକମାନେ ଉତ୍ୟକ୍ତ ହୋଇ ଶୁକ୍ରବାର ସକାଳ ୬ଟାରୁ ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥର ଶହୀଦ ଛକଠାରେ ଅବରୋଧ କରିଥିଲେ। ଲୋକମାନେ ଏଭଳି ସ୍ଥିତି ପାଇଁ ଦୋଷୀ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଘଟଣାସ୍ଥଳରେ ବୌଦ୍ଧ ତହସିଲଦାର ସନତ କୁମାର ନାଏକ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୀର୍ଘ ୩ ଘଣ୍ଟା ପରେ ରାସ୍ତାରୋକୋ ହଟିଥିଲା । ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସହରର ଜଳ ନିଷ୍କାସନ ବ୍ୟବସ୍ଥା ଠିକ୍ ଭାବେ କରା ନ ଯିବା ଫଳରେ ଶୁକ୍ରବାର ସହରରେ ଏଭଳି ଅବସ୍ଥା ଉପୁଜିଛି। ଏପଟେ ପ୍ରଶାସନ ପକ୍ଷରୁ ସହରର ଉନ୍ନତ୍ତି କରିବା ସହ ସହରକୁ ସୁନ୍ଦର ଭାବେ ଗଢି ତୋଳିବାକୁ ବିଭିନ୍ନ ପଦକ୍ଷେପ ହାତକୁ ନେଇ କାର୍ଯ୍ୟ ହେଉଥିବାବେଳେ ଏପଟେ କିନ୍ତୁ ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ସହରର ଉନ୍ନତି କାମରେ ଲାଗିପାରୁନି। ଶୁକ୍ରବାର ସକାଳ ସୁଦ୍ଧା ବୌଦ୍ଧ ଅଞ୍ଚଳରେ ୧୭୭, ହରଭଙ୍ଗା ଅଞ୍ଚଳରେ ୩୪ ଓ କନ୍ଧମାଳ ଅଞ୍ଚଳରେ ୧୫୯ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବୌଦ୍ଧ ସହରର ବସଷ୍ଟାଣ୍ଡ, ଖଲିଆ ବଗିଚା, ଖଦାଳ ସାହି, ମୁସଲିମ ସାହି ଓ ବଗିଚା ସାହି ଆଦି ଅଞ୍ଚଳରେ ବର୍ଷା ଜଳ ଭରିଯିବା ସହ ଘରଗୁଡିକ ମଧ୍ୟରେ ଆଣ୍ଠୁଏ ପାଣି ହୋଇଯାଇଥିଲା। ଅନେକ ସ୍ଥାନରେ ଲୋକେ ରାତିସାରା ନିଜ ଘର ଛାଡି ଉଚ୍ଚସ୍ଥାନରେ ରହିଥିଲେ। ପୁରାତନ ରାମ ମନ୍ଦିର ପରିସରରେ ବର୍ଷା ଜଳ ଭରିଯାଇଥିଲା। ରାମଲୀଳାର ଅନେକ ବହି, ପୋଷାକ, ବାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ସାମଗ୍ରୀ ସବୁ ଜଳରେ ବୁଡିଯିବା ଫଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି।

## ୩୭୮୬ ଛାତ୍ରୀଛାତ୍ରଙ୍କ ହେଲା ପ୍ରାରମ୍ଭିକ ଆକଳନ

**ଅମରପାଲି,୨୩।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଶିକ୍ଷାସେତୁ କାର୍ଯ୍ୟକ୍ରମରେ ବୀରମହାରାଜପୁର ଶିକ୍ଷାଜିଲାରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କ ପ୍ରାରମ୍ଭିକ ଆକଳନ ପରୀକ୍ଷା ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର କୁମ୍ଭକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ୧୬ଟି କ୍ଲଷ୍ଟରର ୩୨ସ୍କୁଲ ସହିତ ୫ଟିରେ ସାମିଲ ଥିବା ସୁବଳୟା ଓ ମୁର୍ଷୁଣ୍ଡୀ ହାଇସ୍କୁଲରେ ଉକ୍ତ ପ୍ରାରମ୍ଭିକ ଆକଳନ ପରୀକ୍ଷା କରାଯାଇଥିଲା। ବ୍ଲକର ପ୍ରାୟ ୩୭୮୬ଶହ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅମରପାଲି ୟୁପି ସ୍କୁଲରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମ ପାଇଁ ଗ୍ରାମରେ ସାତଟି କେନ୍ଦ୍ର କରାଯାଇ ଥିଲା। ଉକ୍ତ ସ୍କୁଲର ପ୍ରାୟ ୭୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସମସ୍ତ କେନ୍ଦ୍ରରେ କୋଭିଡ ନିୟମ ମାନି ପରୀକ୍ଷା କରାଯାଇଥିଲା।


ବାଗବରରେ ପ୍ରାରମ୍ଭିକ ଆକଳନ ପରୀକ୍ଷା ଦେଉଛନ୍ତି ଛାତ୍ରୀଛାତ୍ର।

## ଚଞ୍ଚକତା କରି ଉଠାଯାଇଛି ଶ୍ରମିକଙ୍କ ନାମରେ ଟଙ୍କା

**ସଇଁତଳା, ୨୩।୭ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡ଼ା ପଞ୍ଚାୟତ ଅନ୍ତର୍ଗତ ମେରାବାହାଲ ଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବିଜାମୁଣ୍ଡା ପୋଖରୀ ଉନ୍ନତୀକରଣ କାମ କରାଯାଉଛି। କରୋନା ମହାମାରୀ ସମୟରେ ଶ୍ରମିକମାନଙ୍କୁ କାମ ଯୋଗାଇ ଦେବା ବଦଳରେ ଏଠାରେ ମେଶିନରେ କାମ କରାଯାଉଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ଜବକାର୍ଡଧାରୀ ଶ୍ରମିକମାନେ କାମ କରିଥିବା ଦର୍ଶାଇ ଗ୍ରାମସାଥୀ ଟଙ୍କା ଉଠାଇ ନେଇଥିବା ସେମାନେ ବିଡିଓଙ୍କ ନିକଟରେ ଫେରାଦ ହୋଇଛନ୍ତି। ଜବକାର୍ଡଧାରୀ ଶ୍ରମିକମାନେ ଅଭିଯୋଗ କରିଛନ୍ତି ଯେ, ବିଜାମୁଣ୍ଡା ପୋଖରୀର ଉନ୍ନତୀକରଣ କାମ ୨୦୧୭-୧୮ବର୍ଷରୁ ଚାଲିଛି। ସେମାନଙ୍କୁ କାମ ନ ଯୋଗାଇ ପ୍ରତ୍ୟେକ ବର୍ଷ ମେଶିନରେ କାମ କରାଯାଉଛି। ହେଲେ ମଷ୍ଟରରୋଲରେ ନିଜ ଲୋକଙ୍କ ନାଁ ଉଲ୍ଲେଖ କରି ଗାଁ ସାଥୀ ହେମନ୍ତ ହରପାଲ ଓ ଭବାନୀ ହରପାଲ ଟଙ୍କା ଉଠାଇ ନେଇଛନ୍ତି। ଜବକାର୍ଡଧାରୀ ଶଙ୍କର ରଣା, ଗୋବିନ୍ଦ ପରାଭୁଏ, ଲଛମନ ଭୁଏ, ବୃନ୍ଦାବନ ମିର୍ଦ୍ଧା, ସୁଶାନ୍ତ ରଣା, ମଧୁ ରଣା ଓ ଦୟା କଠାରଙ୍କ ବ୍ୟାଙ୍କ ଖାତାକୁ ଗତ କିଛିଦିନ ତଳେ ବାରଶହ ତେଷଠି ଟଙ୍କା ବିଜାମୁଣ୍ଡା ପୋଖରୀ ଖନନ କାର୍ଯ୍ୟ ବାବଦକୁ ଆସିଥିଲା। ଗାଁ ସାଥି ହରପାଲ ଭୁଲରେ ତୁମ ବ୍ୟାଙ୍କ ଖାତାକୁ ଟଙ୍କା ଚାଲିଯାଇଥିବାରୁ ଫେରାଇ ଦେବାକୁ ସମ୍ପୃକ୍ତ ଜବକାର୍ଡଧାରୀମାନଙ୍କୁ କହିଥିଲେ। ଟଙ୍କା ନ ଦେଲେ ଗାଳିଗୁଲଜ କରୁଥିବା


ଅଭିଯୋଗ କରିବାକୁ ଆସିଥିବା ଜବକାର୍ଡ଼ଧାରୀ ଶ୍ରମିକମାନେ।

### ମେଶିନ କରୁଛି ପୋଖରୀ ଉନ୍ନତୀକରଣ କାମ

ଜବକାର୍ଡ଼ଧାରୀମାନେ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଛନ୍ତି। ଟିକ୍ରାପଡ଼ା ଦାୟିତ୍ୱରେ ଥିବା ଗ୍ରାମ ରୋଜଗାର ସେବକ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ପଚାରିବାରୁ ୨୦୧୭-୧୮ ମସିହାରୁ ବିଜାମୁଣ୍ଡା ପୋଖରୀର ଉନ୍ନତୀକରଣ ପାଇଁ ସାତଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚାଲୁ ରହିଥିବା କହିଥିଲେ। ସେହିପରି ପଞ୍ଚାୟତ ନିର୍ବାହୀ ଅଧିକାରୀ ଜନାର୍ଦ୍ଦନ ଯୋଷୀ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ପୋଖରୀ ଖନନ ସମ୍ପର୍କରେ ଜାଣି ନ ଥିବା କହିଛନ୍ତି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ବିଡ଼ିଓ ଦେବାଶିଷ ସାମଲ।